

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୩ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 September 2026
Vol.No. 36 ■ No.250 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଇରାନୀ ବିମାନ କମ୍ପାନୀ ଉପରେ ଆମେରିକାର କଡ଼ା ଆକ୍ସନ୍: ବିଶ୍ୱ ଉଡ଼ାଣ ବନ୍ଦ କରିବାକୁ ଚେତାବନୀ



ନୂଆଦିଲ୍ଲୀ,୨୨/୯ : ଇରାନ ଉପରେ କୂଟନୈତିକ ତଥା ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ଆମେରିକା ଏକ ନୂଆ ରଣନୀତି ଆପଣାଇଛି। ଇରାନର ବିମାନ ସେବାକୁ ସମ୍ପୂର୍ଣ୍ଣ ରୂପେ ଠପ୍ କରିବା ଲକ୍ଷ୍ୟରେ ଆମେରିକା ଏକ କଠୋର ଅସହଯୋଗ ନୀତି ଘୋଷଣା କରିଛି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ଯେଉଁ ବିଦେଶୀ କମ୍ପାନିଗୁଡ଼ିକ ଇରାନୀ ବିମାନ ସେବାକୁ ଇନ୍ଧନ, ଟିକେଟ୍ ବିକ୍ରି, ଅବତରଣ ସୁବିଧା କିମ୍ବା ଅନ୍ୟ କୌଣସି ପ୍ରକାର ସହାୟତା ଯୋଗାଇବେ, ସେମାନଙ୍କୁ ବିଶ୍ୱ ଡଲାର ନେଣଦେଣ ବ୍ୟବସ୍ଥାରୁ ବାହାର କରି ଦିଆଯିବ । ଚଳିତ ସପ୍ତାହ ସୁଦ୍ଧା ସମଗ୍ର ବିଶ୍ୱରେ ଇରାନୀ ବିମାନ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଇରାନ ବିରୋଧରେ ଆର୍ଥିକ କଟକଣାକୁ ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି । ଏହି ଧମକ ପରେ ବିଶ୍ୱର ବିଭିନ୍ନ ଦେଶ ଇରାନ ବିମାନ ସେବା ଉପରେ କଟକଣା ଲଗାଇବା ଆରମ୍ଭ କରିଛନ୍ତି । ଇରାକ ଇରାନୀ ବିମାନର ଉଡ଼ାଣ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିବା ବେଳେ ଜର୍ଜିଆ ମଧ୍ୟ ନିଜ ଦେଶରେ ଇରାନୀ ବିମାନ ପ୍ରବେଶ ଉପରେ ରୋକ୍ ଲଗାଇଛି । ଏହା ସହିତ ତୁର୍କୀ ସରକାରଙ୍କ ଅନୁରୋଧ କ୍ରମେ ଇରାନର 'ମହାନ ଏୟାର' ସେଠାକୁ ଉଡ଼ାଣ ବନ୍ଦ କରିଛି । ଦୀର୍ଘ ଦିନରୁ ଆମେରିକୀୟ କଟକଣା ଯୋଗୁଁ ନୂତନ ବିମାନ ଓ ଯନ୍ତ୍ରାଂଶ କିଣିବାରେ ସମସ୍ୟା ଭୋଗୁଥିବା ଇରାନର ବିମାନ ଚଳାଚଳ କ୍ଷେତ୍ର ପାଇଁ ଏହି ନୂତନ ପଦକ୍ଷେପ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି ।

## ବନ୍ଦେ ମାତରମ୍ ଗାନକୁ ବିରୋଧ କରୁଥିବା ଆବେଦନ ମାମଲା: କେନ୍ଦ୍ର ସରକାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୨/୯ : 'ବନ୍ଦେ ମାତରମ୍'ର ଛଅଟି ପଦ ଗାନକୁ ବାଧ୍ୟତାମୂଳକ କରୁଥିବା ଆଇନକୁ ଚ୍ୟାଲେଞ୍ଜ କରି ଆଗତ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡିଛନ୍ତି। କର୍ଣ୍ଣାଟକୀ କଣ୍ଠଶିଳ୍ପୀ ଟି.ଏମ୍. କୃଷ୍ଣା ଏହି ଆବେଦନ ଦାଖଲ କରିଛନ୍ତି। ବନ୍ଦେ ମାତରମର ଚାରୋଟି ପଦ ସ୍ପଷ୍ଟ ଭାବରେ ହିନ୍ଦୁ ଦେବତାମାନଙ୍କ ପ୍ରତି ଭକ୍ତି ଆହ୍ୱାନ କରେ, ଏବଂ ସେହି ଅଂଶଗୁଡ଼ିକୁ ଗାନ କରିବାକୁ ବାଧ୍ୟତାମୂଳକ କରିବା ଦେଶର ଧର୍ମନିରପେକ୍ଷ ଚରିତ୍ରକୁ ଉଲ୍ଲଂଘନ କରୁଛି ବୋଲି କୃଷ୍ଣା ଉଲ୍ଲେଖ କରିଛନ୍ତି। ଆବେଦନରେ କୁହାଯାଇଛି ଯେ, ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ ଅଧୀନରେ ବନ୍ଦେ ମାତରମ୍‌କୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଶୋଧନ ଏକାନ୍ତ ସ୍ୱେଚ୍ଛାଚାରୀ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ କରୁଛି ଏବଂ ଏକ ସଂଖ୍ୟାଗରିଷ୍ଠ ଧାର୍ମିକ ବାର୍ତ୍ତାକୁ ସୂଚିତ କରୁଛି। ସୁପ୍ରିମକୋର୍ଟ କହିଛନ୍ତି, ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ। ଏହା ସହ ସମ୍ବିଧାନର ଧାରା ୨୫ ଏବଂ ୨୬ ଅନୁଯାୟୀ ମୌଳିକ ଅଧିକାର ସମ୍ପର୍କରେ ଦଣ୍ଡନୀୟ ପରିଣାମ ସମ୍ପର୍କରେ ବିଚାର କରାଯିବା ଜରୁରୀ। ସମ୍ବିଧାନର ଏହି ଧାରା ଧର୍ମ ସ୍ୱାଧୀନତାର ମୌଳିକ ଅଧିକାରକୁ ସୁନିଶ୍ଚିତ କରେ, ବ୍ୟକ୍ତିଗତ ଏବଂ ସାମୂହିକ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା ଦିଏ।

## ଆଇପିଏସ ସ୍ତରରେ ଅଦଳବଦଳ: ସର୍ବଣା ବିବେକ ଏମ୍ ଭୁବନେଶ୍ୱର ଡିସିପି



ଭୁବନେଶ୍ୱର, ୨୨/୯ (ନି.ପ୍ର): ସରକାର ଆଜି ଆଇପିଏସ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବ୍ରହ୍ମପୁର ଏସ୍‌ପି ଥିବା ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ. ସର୍ବଣା ବିବେକ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି । ଜଗମୋହନ ମୀନା ଚାକିରି ଛାଡ଼ି ଦେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଢେଙ୍କାନାଳ ଏସ୍‌ପି ଅଭିନବ ସୋନକରଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି। ସେ ହେଉଛନ୍ତି ୨୦୧୯ ବ୍ୟାଚ୍‌ର ଆଇପିଏସ୍ ଅଫିସର। ପାରାଦୀପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଅତିରିକ୍ତ ଏସ୍‌ପି) ଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଜିଙ୍କ୍ୟ ବି. ମାନେଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି। ରାଜ୍ୟ ଆରକ୍ଷୀ ମୁଖ୍ୟାଳୟରେ ସହକାରୀ ଆରକ୍ଷୀ ଅଧୀକ୍ଷକ ଥିବା ଏ.ବି ଶିଣ୍ଡାଙ୍କୁ ବରଗଡ଼ର ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ୧୩ ବର୍ଷ ଚାକିରି କରିବା ପରେ ଆଇପିଏସ୍ ଅଫିସର ଜଗମୋହନ ମୀନା ଚାକିରି ଛାଡ଼ି ଦେବା ନେଇ ଯେତିକି ଚର୍ଚ୍ଚାରେ ଥିଲେ ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡର ତଦନ୍ତକୁ ନେଇ ତା'ଠାରୁ ◆◆ପୃଷ୍ଠା ୭

## ଗଭୀର ଅବପାତରେ ପରିଣତ ହେଲା ଅବପାତ: ବଢ଼ିବ ବର୍ଷା

### ■୨୩ ତାରିଖ ରାତିରେ ଉପକୂଳ ଛୁଇଁବ ଅବପାତ: ଆଇଏମ୍‌ଡି
### ■୨୫ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୨/୯ (ନି.ପ୍ର): ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେଲେ ଅବପାତ। ଗୋପାଳପୁରଠାରୁ ୧୫୦କିମି ଦୂରରେ ଏହା କେନ୍ଦ୍ରୀଭୂତ ହୋଇଛି। କାଲି ରାତି ସୁଦ୍ଧା ଏହା ଅତିକ୍ରମ କରିବ ଉପକୂଳ। ସେତେବେଳେ ପବନର ବେଗ ଘଣ୍ଟାପ୍ରତି ସର୍ବାଧିକ ୫୫ରୁ ୬୫ କିମି ରହିବ। ସେହିପରି ଘଣ୍ଟା ପ୍ରତି ୭୫ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ଗଭୀର ଅବପାତ ସୃଷ୍ଟି ହେବା ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ, ଆଜି ସନ୍ଧ୍ୟାରୁ ରାତି ଭିତରେ ଅବପାତ ଗଭୀର ଅବପାତ ହେବ । ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ତାରିଖ ରାତିରେ ଉପକୂଳକୁ ଛୁଇଁବ । ବିଶାଖାପାଟଣା ଓ ଗୋପାଳପୁର ଭିତରେ ଉପକୂଳ ଅତିକ୍ରମ କରିବ। ଉପକୂଳକୁ ଆସିଲା ବେଳେ ଗଭୀର ଅବପାତର ଗତି କମିଯିବ। ଅଧିକ ସମୟ ଦକ୍ଷିଣ ଓଡ଼ିଶା ଉପକୂଳରେ ରହିବାରୁ ଅଧିକ ବର୍ଷିବ । ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲ୍ଲାମାନଙ୍କରେ ଅତି ପ୍ରବଳ ବର୍ଷା ହେବ । ଆଉ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷାକୁ ନେଇ ପୂର୍ବାନୁମାନ କରୁଛୁ । ସ୍ଥଳଭାଗ ଛୁଇଁଲା ବେଳେ ପବନର ବେଗ ୫୫ରୁ ୬୫ କିମି ରହିବ ବୋଲି କହିଛନ୍ତି । ଏହା ସହ ଅବପାତ ପ୍ରଭାବରେ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବା ◆◆ପୃଷ୍ଠା ୭

## ବର୍ଷା ସାଜିଲା ବାଧକ: ବାରବାଟୀ ମ୍ୟାଚ୍ ବାତିଲ୍

କଟକ/ଭୁବନେଶ୍ୱର, ୨୨/୯ (ନି.ପ୍ର): ଓଡ଼ିଶା ଟି-୨୦ ଲିଗ୍‌ର ତୃତୀୟ ଦିନରେ ହେବାକୁ ଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ୍ ହୋଇଯାଇଛି। ମଙ୍ଗଳବାର ଦିନ ବାରବାଟୀରେ କଟକ ପାନ୍ଥର୍ସ-ପୁରୀ ଟାଇଟାନ୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥାନ୍ତା। ମାତ୍ର କଟକରେ ଲଗାଣ ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ୍ ହୋଇଥିବା ସୂଚନା ମିଳିଛି। ମ୍ୟାଚ ବାତିଲ୍ ଯୋଗୁଁ ଉଭୟ ଟିମ୍‌କୁ ଗୋଟିଏ ଲେଖାଏଁ ପଏଂଟ ମିଳିବ।

## ବିଧାନସଭା ଆରମ୍ଭରୁ ହଟ୍ଟଗୋଳ, ରାଜରାସ୍ତାରେ ଗର୍ଜନ

### ଏମଏମଡିଆର୍ ଓ ପାଠ୍ୟପୁସ୍ତକ ତ୍ରୁଟି ବିବାଦରେ କମ୍ପିଲା ଗୃହ, ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ




ଭୁବନେଶ୍ୱର, ୨୨/୯ (ନି.ପ୍ର): ଆଜିଠୁ ଆରମ୍ଭ ହୋଇଥିବା ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଧାପ୍ରାପ୍ତ ହୋଇଛି। ଗୃହରେ ଶୋକପ୍ରସ୍ତାବ ପାରିତ ହେବାପରେ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନଙ୍କ ହଟ୍ଟଗୋଳ ଯୋଗୁ ଗୃହ ଚାଲିବା ସମ୍ଭବପର ହୋଇପାରିନାହିଁ। କଂଗ୍ରେସ ଏମଏମଡିଆର ଆକ୍ଟ ପ୍ରସଙ୍ଗରେ ଓ ବିଜେଡି ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗୃହ ଭିତରେ ହଟ୍ଟଗୋଳ କରି ରାଜ୍ୟର ବିଜେପି ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ବିଜେଡି ବିଧାୟକମାନେ ବିଧାନସଭାରୁ ଚାଲିଚାଲି ଯାଇ ଲୋୟର ପିଏମଜିଠାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ। ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଆଜି ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ପହଂଚିବା ପରେ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନ ସହ ଆରମ୍ଭ ହୋଇଥିଲା। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ସଦସ୍ୟଙ୍କ ସମେତ ନେପାଳ ଜଳପ୍ରଳୟରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ସମ୍ମାନରେ ଶୋକପ୍ରସ୍ତାବ ଆଗତ କରିଥିଲେ। ସେହି ଦିବଂଗତଙ୍କ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇ ନେତା ଲକ୍ଷ୍ମଣ ମୁଣ୍ଡା ଓ ବାଚସ୍ପତି ଶ୍ରୀମତୀ ପାଢ଼ୀ ଶୋକ ବ୍ୟକ୍ତ କରିଥିଲେ । ପରେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ଶେଷ ହେବାମାତ୍ରେ ଗୃହର ବାତାବରଣ ସରଗରମ ହୋଇପଡ଼ିଥିଲା। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ବିଧାୟକମାନେ ଏମଏମଡିଆର ଆକ୍ଟ ଓ ବିଜେଡି ବିଧାୟକମାନେ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିଲେ । ◆◆ପୃଷ୍ଠା ୭

## ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ ଭାରତକୁ ୪ ୟୁରୋପୀୟ ଦେଶର ସମର୍ଥନ



ନୂଆଦିଲ୍ଲୀ,୨୨/୯ : ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ ଭାରତର ପ୍ରୟାସକୁ ଏକ ବଡ଼ ସଫଳତା ମିଳିଛି। ୮୧ତମ ଜାତିସଂଘ ସାଧାରଣ ପରିଷଦରେ ମଧ୍ୟ ୟୁରୋପର ଚାରୋଟି ଦେଶ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ କରିଛନ୍ତି। ଭିସେଗ୍ରାଡ୍ ଗ୍ରୁପ୍ (ଭି-୪)ର ଚାରି ସଦସ୍ୟ ହଙ୍ଗେରୀ, ପୋଲାଣ୍ଡ, ସ୍ଲୋଭାକିଆ ଏବଂ ଚେକ୍ ଗଣରାଜ୍ୟ ଭାରତକୁ ସମର୍ଥନ ଜଣାଇଛନ୍ତି। ଭି-୪ ଗ୍ରୁପ୍ ସହିତ ଭାରତର ପ୍ରଥମ ବୈଠକ ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ସଭା ସମୟରେ ହୋଇଥିଲା। ବୈଠକରେ, ଭାରତର ଏସ୍ ଜୟଶଙ୍କର ଭି-୪ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ।ଜୟଶଙ୍କରଙ୍କୁ ସାକ୍ଷାତ କରିବା ପରେ, ସ୍ଲୋଭାକିଆ ବୈଦେଶିକ ମନ୍ତ୍ରୀ ଜୁରାଜ ବ୍ଲାନର କହିଛନ୍ତି, ଭି-୪ ଦେଶ ଭାବରେ, ଆମେ ସମସ୍ତେ ସହମତ ଯେ, ଗ୍ଲୋବାଲ ସାଉଥ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏକ ଉଦୀୟମାନ ମହାଶକ୍ତି ହୋଇଥିବାରୁ ଭାରତ ସ୍ଥାୟୀ ସଦସ୍ୟ ଭାବେ ଜାତିସଂଘ ସୁରକ୍ଷା ପରିଷଦରେ ଯୋଗଦେବା ଉଚିତ୍। ଭାରତ ବହୁ ଦିନ ଧରି ଜାତିସଂଘ ସୁରକ୍ଷା ପରିଷଦ ଗଠନରେ ସଂସ୍କାର ପାଇଁ ଦାବି କରିଆସୁଛି। ଭାରତ ଯୁକ୍ତି ଦର୍ଶାଉଛି ଯେ ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ସୁରକ୍ଷା ପରିଷଦ ଅପରିବର୍ତ୍ତିତ ରହିଥିବାବେଳେ, ଏହି ସମୟ ମଧ୍ୟରେ ବିଶ୍ୱରେ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆଜି ସୁରକ୍ଷା ପରିଷଦରେ ଗୁରୁତ୍ୱପୂର୍ଣ୍ଣ ଜନସଂଖ୍ୟା, ଅର୍ଥନୀତି ଏବଂ ପ୍ରଭାବ ଥିବା ଅଞ୍ଚଳ କିମ୍ବା ଦେଶଗୁଡ଼ିକର ପ୍ରତିନିଧିତ୍ୱ ନାହିଁ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି, ଭିସେଗ୍ରାଡ୍ ଗ୍ରୁପ୍ ସହିତ ଭାରତର ପ୍ରଥମ ବୈଠକରେ ଅନେକ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ସେସବୁ ମଧ୍ୟରେ ବାର୍ଷିକ ବ୍ୟବସାୟ ମଞ୍ଚ ସମେତ ଆର୍ଥିକ ସହଯୋଗ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଗବେଷଣା ଏବଂ ଶିକ୍ଷା କ୍ଷେତ୍ରରେ ସହଭାଗୀତାକୁ ସୁଦୃଢ଼ କରିବା। ପ୍ରତିରକ୍ଷା ସହଯୋଗକୁ ନୂତନ ପ୍ରେରଣା ଦେବା,ସାଂସ୍କୃତିକ ସହଯୋଗ ଏବଂ ଲୋକ-ଲୋକ ସମ୍ପର୍କକୁ ଆହୁରି ବୃଦ୍ଧି କରିବା ପାଇଁ ବହୁପାକ୍ଷିକତାକୁ ସମର୍ଥନ କରିବା ପାଇଁ ଏକାଠି କାମ କରିବା ସୁରକ୍ଷା ପରିଷଦରେ ସ୍ଥାନ ପାଇଁ ଭାରତର ଦାବିକୁ ଏହାର ଅନେକ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଛନ୍ତି। ଫ୍ରାନ୍ସ ନିରନ୍ତର ଭାରତର ଦାବିକୁ ସମର୍ଥନ କରିଆସିଛି।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର ୩୦ ପ୍ଲଟ, ୨ କୋଠା, ମାର୍କେଟ୍ କଂପ୍ଲେକ୍ସ ଓ ଗୋଦାମ ଠାବ: ନଗଦ ୩ ଲକ୍ଷ ଜବତ



ବରଗଡ଼, ୨୨/୯ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବରଗଡ଼ ଜିଲ୍ଲା କଟାଭାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରାଙ୍କ ବାସଭବନ ସମେତ ୬ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କଠାରୁ ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ତାଙ୍କ ସଂପତ୍ତି ମଧ୍ୟରେ ରହିଛି ୩୦ଟି ପ୍ଲଟ୍, ଦୁଇଟି ବହୁତଳ କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଓ ଗୋଟିଏ ଗୋଦାମ। ସେହିପରି ତାଙ୍କ ଘରୁ ନଗଦ ୨ ଲକ୍ଷ ୯୮ ହଜାର ୧୭୭ ଟଙ୍କା ଜବତ କରାଯାଇଛି। ପିଇଓ କାର୍ତ୍ତିକେଶ୍ୱର ବେହେରାଙ୍କ ଦୁଇଟି ବହୁତଳ କୋଠା ମଧ୍ୟରୁ ଗୋଟିଏ ଗାଇସିଲେଟ ନିକଟସ୍ଥ କନ୍ଦାଗାଡ଼ରେ ଅଛି, ଯାହା ପ୍ରାୟ ୪୮୦୦ ବର୍ଗଫୁଟ ଜାଗା ଉପରେ ନିର୍ମାଣ ହୋଇଛି। ◆◆ପୃଷ୍ଠା ୭

# ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

ଝାରସୁଗୁଡ଼ା,୨୨/୦୯ (ନି.ପ୍ର): ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ୫୦ ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ ଆଜି ଜିଲ୍ଲା ସଂସ୍କୃତି ଭବନ ସମ୍ମୁଖରୁ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ତୁଳାବତୀ ମିଞ୍ଜ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନଓ୍ୱଲ ଅଗ୍ରଓ୍ୱାଲ, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ଣ୍ଣା, ବିଧାୟକଙ୍କ ପ୍ରତିନିଧି ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ବରିଷ୍ଠ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଯାତ୍ରାର ସଫଳତା କାମନା କରିଥିଲେ। ଏଥିସହ ଅତିଥିବୃନ୍ଦ ଶୁଭ ନାରିକେଳ ଭାଙ୍ଗିବା ସହ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

ସୂଚନା ଯୋଗ୍ୟ ଯେ, ଜିଲ୍ଲାର ବିଭିନ୍ନ ଅଂଚଳରୁ ଚୟନ ହୋଇଥିବା ୫୦ ଜଣ ବରିଷ୍ଠ ନାଗରିକ ଦୁଇଟି ବସ୍ ଯୋଗେ ଯାତ୍ରା କରିଛନ୍ତି। ଲଇକେରା ବ୍ଲକର ସାମାଜିକ ସୁରକ୍ଷା ବିଭାଗର କନିଷ୍ଠ ସହାୟକ ପ୍ରଦ୍ୟୁମ୍ନ ପାଣିଗ୍ରାହୀ ଓ ଅଜିତ କୁମାର ସାହୁ ଏସ୍କର୍ଟ ଅଫିସର ଭାବେ ତୀର୍ଥଯାତ୍ରୀମାନଙ୍କ ସହ ଯାଇ ସେମାନଙ୍କୁ ସମ୍ବଲପୁର ରେଳ ଷ୍ଟେସନରେ ପହଂଚାଇବେ। ସେଠାରୁ ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରାଣସୀ ତୀର୍ଥସ୍ଥଳୀ ପରିଦର୍ଶନ କରିବେ। ତୀର୍ଥଯାତ୍ରା ସମାପ୍ତ କରି ସେମାନେ ତା. ୨୭.୦୯.୨୦୨୬ ରିଖରେ ଝାରସୁଗୁଡ଼ାରେ ପହଂଚିବେ। ତୀର୍ଥଯାତ୍ରୀମାନେ ଆଜି ସକାଳ ୯ଟାରେ ଜିଲ୍ଲା ସଂସ୍କୃତି ଭବନଠାରେ ପହଂଚିଥିଲେ। ପରେ ସେଠାରେ ଉପସ୍ଥିତ ଏକ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ପହଂଚି ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୋମେଶ ଆଚାର୍ଯ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଏବଂ ସହକାରୀ ଜିଲ୍ଲାପାଳ ବିଶ୍ୱଜିତ ରାଉତ ପରିଚାଳନା କରିଥିଲେ। କନିଷ୍ଠ ସହାୟକ ଆଲିସ ପଟେଲ, ରାଜେଶ ସେଠ, ଧୀରଜ ରୋଶନ ପ୍ରଧାନ, ମୌସୁମ ପଟେଲ, ରବୀନ୍ଦ୍ର ନିଆଲ, ସମୀର କିସାନ, କିଙ୍କନ ନାଏକ ଓ ଗୁରୁଚରଣ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଯୁବ ସାମ୍ବାଦିକ ପ୍ରୀତମ ପଣ୍ଡା ଓ ନିରଞ୍ଜନ ମାଳି, ଅଭିରାମ ଶତପଥୀ ତୀର୍ଥଯାତ୍ରୀମାନଙ୍କୁ ଯାତ୍ରା ସମ୍ପର୍କିତ ବିଭିନ୍ନ ଧାରଣା ଓ ଆବଶ୍ୟକ ସୂଚନା ପ୍ରଦାନ କରିବା ସହ ସେମାନଙ୍କ ତୀର୍ଥଯାତ୍ରାର ସଫଳତା କାମନା କରିଥିଲେ। ଏହି ଅବସରରେ ଅତାବିରାର ପବିତ୍ରା ବିଶ୍ୱାଳ, ଅମାପାଲିର ମଉଜି ଦେହେରୀ, ସିଙ୍ଗେଇପାଲିର ସୁବାଷ ଚନ୍ଦ୍ର ସାହୁ ଭଜନ ପରିବେଷଣ କରିଥିବା ବେଳେ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀ ନିଜ ନିଜର ଖୁସି ଅନୁଭୂତି ବଖାଣି ଥିଲେ।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ: ପ୍ରଶାସନିକ ଅନୁମୋଦନ ୨ କୋଟି ୪୨ ଲକ୍ଷ ୫୨ ହଜାର ୯୪୨ ଟଙ୍କା

ଭଦ୍ରକ,୨୨/୦୯ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଭିତିଭୂମିର ବିକାଶ ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ଯୋଜନାରେ ୨ କୋଟି ୪୨ ଲକ୍ଷ ୫୨ ହଜାର ୯୪୨ ଟଙ୍କା ପ୍ରଶାସନିକ ଅନୁମୋଦନ ଲାଭ କରିଛି। ଭିତିଭୂମିର ବିକାଶ ବାବଦରେ ଭଦ୍ରକ କଲେଜ ତରଫରୁ ଏହି ପ୍ରକଳ୍ପ ନିମନ୍ତେ ଏଷ୍ଟିମେଟ୍ ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରାଯାଇଥିଲା। ଏହାମଧ୍ୟରୁ ଏକ ବିଲ୍ଡିଂ ନିର୍ମାଣ ବାବଦରେ ୧ କୋଟି ୭୧ ଲକ୍ଷ ୭୬ ହଜାର ୬୫୧ ଟଙ୍କା ବ୍ୟୟ କରାଯିବ। ସେଥିମଧ୍ୟରୁ ଗ୍ରାଉଣ୍ଡ ଫ୍ଲୋର ବାବଦରେ ୯୨ ଲକ୍ଷ ୪୩ ହଜାର ୯୭୭ ଟଙ୍କା, ଫାଷ୍ଟ ଫ୍ଲୋର ବାବଦରେ ୭୧ ଲକ୍ଷ ୮୮ ହଜାର ୨୫୦ ଟଙ୍କା ଓ କରିଡର ବାବଦରେ ୭ ଲକ୍ଷ ୪ ହଜାର ୪୨୪ ଟଙ୍କା ବ୍ୟୟ କରାଯିବ। ଏହାବ୍ୟତୀତ ବିଲ୍ଡିଂର ଅନ୍ତରୀଣ ପାଇପ୍ ଜଳଯୋଗାଣ ବାବଦରେ ୭ ଲକ୍ଷ ୧୪ ହଜାର ୮୪୨ ଟଙ୍କା, ବାହାର ପାଇପ୍‌ଲାଇନ୍ ବାବଦରେ ୧ ଲକ୍ଷ ୩୧ ହଜାର ୪୨୦ ଟଙ୍କା ଓ ସେପ୍‌ଟିକ୍ ଟ୍ୟାଙ୍କ ନିର୍ମାଣ ବାବଦରେ ୨ ଲକ୍ଷ ୯୭ ହଜାର ୨୬୧ ଟଙ୍କା ଖର୍ଚ୍ଚ ହେବ। ସେହିପରି ବିଲ୍ଡିଂର ବିଦ୍ୟୁତ୍ ସଂଯୋଗ ବାବଦରେ ୧୪ ଲକ୍ଷ ୭୯ ହଜାର ୧୪୧ ଟଙ୍କା ଓ ଲାଇଟିଂ ଏରେଷ୍ଟର ବାବଦରେ ୮୮ ହଜାର ୨୯୬ ଟଙ୍କା, ମୋଟ ୨୭ ଲକ୍ଷ ୧୦ ହଜାର ୯୬୦ ଟଙ୍କା ବ୍ୟୟ କରାଯିବ। ପ୍ରଶାସନିକ ଅନୁମୋଦନ ପାଇଥିବା ଏହି ଆର୍ଥିକ ଅନୁଦାନ ମଧ୍ୟରୁ କେନ୍ଦ୍ର ସରକାର ରୁଷା ଯୋଜନା ବାବଦରେ ୨ କୋଟି ୪୨ ଲକ୍ଷ ୫୨ ହଜାର ୯୪୨ ଟଙ୍କା ଦେଇଥିବାବେଳେ ଅବଶିଷ୍ଟ ୧୯ ଲକ୍ଷ ୫୨ ହଜାର ୯୪୨ ଟଙ୍କା ରାଜ୍ୟ ବଜେଟ୍‌ରୁ ମିଳିବ। ତେବେ ଉଚ୍ଚଶିକ୍ଷା ବିଭାଗର ନୀତି ନିର୍ଦ୍ଧାରଣ ଅନୁଯାୟୀ ଏହି ନିର୍ମାଣ କାର୍ଯ୍ୟ ସଂପାଦନ ହେବ। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅଭିଜ୍ଞ କର୍ତୃପକ୍ଷଙ୍କ ପକ୍ଷରୁ ବୈଷୟିକ ଅନୁମୋଦନ ଲାଭ କରିବ। ବୈଷୟିକ ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାବ୍ୟତୀତ ଏକଜିକ୍ୟୁଟିଭ୍ ଏଜେନ୍ସି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସଂପାଦନ କରିବାକୁ କୁହାଯାଇଛି। ନିର୍ମାଣ କାର୍ଯ୍ୟର ଦୈନନ୍ଦିନ ଅଗ୍ରଗତିର ରିପୋର୍ଟ ନିୟମିତ ଭାବେ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବାର ନିର୍ଦ୍ଦେଶ ରହିଛି।

# ବୋଡ଼େନରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା,୨୨/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣାଣି କରାଯାଇ ତାହାର ତ୍ୱରିତ ସମାଧାନ ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

ଆଜିର ଶିବିରରେ ମୋଟ ୫୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୧୩ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଅଭିଯୋଗକାରୀମାନଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବାକୁ କହିଥିଲେ।

ପୂର୍ବରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରଗୁଡ଼ିକରେ ଗ୍ରହଣ କରାଯାଇଥିବା ଅଭିଯୋଗର ଫଇସଲା ସ୍ଥିତି ମଧ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଫଇସଲା କରି ଅଭିଯୋଗକାରୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ଅବସରରେ ଲିଟିସର୍ଗି ଗ୍ରାମର ମୋହନ ଜଗତ ଓ ଆକରୁ କୁଳଦୀପଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତାର ଚେକ୍ ପ୍ରଦାନ କରାଯାଇଥିଲା। ସାଧାରଣ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା।

ଡୁମେରବାହାଲ ଗ୍ରାମର ୯୮ ବର୍ଷୀୟ କମଲେ ନିଆଲ ମଧ ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

ଏହି ଅବସରରେ ସ୍ୱଚ୍ଛ ସାଥି ମାନଙ୍କୁ ଶାଢ଼ୀ ଓ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ ପ୍ରାନ୍ତୀୟ ଅଜିଜ୍ ଖାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନୀ ମିତ୍ର ଓ ବ୍ଲକ ଉପାଧକ୍ଷ ସଂଗୀତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ ନସିମ୍, ରୋଶନ କୁମାର ଜେନା, ବୋଡ଼େନ ବିଡିଓ ଚିନ୍ମୟ ସାଗର ଓ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଲୋକ ଓ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

# କାଦୁଅ ପଚପଚ ରାସ୍ତାରେ ମୁଣ୍ଡରେ ବହି ହାତରେ ଚପଲ ଧରି ସ୍କୁଲ ଯିବାକୁ ବାଧ ହେଉଛନ୍ତି ଛାତ୍ରଛାତ୍ରୀ

କେନ୍ଦୁଝର,୨୨/୦୯ (ନି.ପ୍ର): ସମଗ୍ର ଶିକ୍ଷାର ନାରା ସଭିଏଁ ପଢିବେ , ସଭିଏଁ ବଢିବେ । ହେଲେ ଯେଉଁ ସ୍କୁଲକୁ ଭଲ ରାସ୍ତାଟିଏ ନାହିଁ । ଗ୍ରାମବାସୀ ଙ୍କ ଠାରୁ ଆରମ୍ଭ କରି ସ୍କୁଲ ପିଲା ସମସ୍ତେ କାଦୁଅ ପଚ ପଚ ରାସ୍ତାରେ ଯିବାକୁ ବାଧ ହେଉଛନ୍ତି ସେଠାରେ ପିଲାମାନେ କିପରି ପଢିବେ ଓ କିପରି ବଢିବେ ତାକୁ ନେଇ ଉଠିଛି ପ୍ରଶ୍ନ । ହାତରେ ଚପଲ ମୁଣ୍ଡରେ ବହି ଧରି ଧାଡି ହୋଇ ଚାଲିଛନ୍ତି ପିଲାମାନେ । ସାଙ୍ଗର ସ୍କୁଲ ଶିକ୍ଷକଙ୍କ ସହ ଗ୍ରାମବାସୀ । ସମସ୍ତଙ୍କର ସମାନ ଅବସ୍ଥା । ଏପରି ସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ ରତନପୁର ଗାଁରେ । ପ୍ରତ୍ୟେକ ଦିନ ଏମାନେ ଏ ପରି ଅବସ୍ଥାରେ ସ୍କୁଲକୁ ଯାଆନ୍ତି । ବର୍ଷା । ଅଧିକା ହେଲେ ସ୍କୁଲ ବନ୍ଦ । କାରଣ ସ୍କୁଲ ପହଂଚିବା ଭିତରେ ବହୁପିଲା ରାସ୍ତାରେ ପଡି କାଦୁଅ ସରବର ହୋଇ ସ୍କୁଲରେ ପହଂଚନ୍ତି । ଦିନେ ଦିନେ ଏ ପରିବି ହୁଏ ସ୍କୁଲ ମଧାନ୍ନ ଭୋଜନ ବୋଲି ନେଇ ଆସିବା ବେଳେ ସେହି ରାସ୍ତାରେ ପାଚିକା ଓ ସହାୟକ ପଡି ଖାଇବା ଡାଲି ହୋଇଯାଏ । ଫଳରେ ପିଲାଙ୍କୁ ବିସ୍କୁଟ ଦିଆଯାଏ । ଏ ପରି ସ୍ଥିତିରେ ଦେଶର ଭବିଷ୍ୟତ ମାନେ କିପରି ପଢିବେ ଓ ବଢିବେ ତାକୁ ନେଇ ପ୍ରଶ୍ନ । ଗ୍ରାମବାସୀ ବାରମ୍ବାର ଗୁହାରି କଲେ ମଧ ତାଙ୍କ କଥା ସତେ ଯେପରି ଶୁଣିବାକୁ ହେଲ କେହିନାହିଁ। ଜିଲ୍ଲାରେ ବିଭିନ୍ନ ସମୟରେ ବିକାଶ ମୂଳକ କାମ ପାଇଁ ସଦର ବ୍ଲକ ପୁରସ୍କୃତ ହୋଇଥାଏ । ହେଲେ ଯଦି ଆଜିବି ରତନପୁର ଗାଁ ସ୍କୁଲକୁ ଯିବା ଭଳି ରାସ୍ତା ଅଛି , ସେଥିରୁ ସ୍ପଷ୍ଟ ଅନୁମେୟ ସଦର ବ୍ଲକରେ କିପରି କାମ ଚାଲୁଛି । ଏ ନେଇ ଆମେ ସଦର ବ୍ଲକ ବିଡିଓଙ୍କୁ ପଚାରିଥିଲୁ । ସେ ଖୁବ ଶିଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ ।

# ୮ଟି ମାମଲାରେ ୧୪ ଅଭିଯୁକ୍ତ ଗିରଫ

ଜୟପୁର,୨୨/୦୯ (ନି.ପ୍ର): ଜୟପୁର ସହରରେ ଗତ ଦେଢ ମାସ ଭିତରେ ବିଭିନ୍ନ ଅପରାଧିକ ମାମଲାର ୧୫ ଅଭିଯୁକ୍ତ କୁ କାବୁ କରିଛି ଟାଉନ ପୋଲିସ । ଏନେଇ ଆଜି ଜୟପୁର ଟାଉନ ଥାନା ରେ ଏସଡିପିଓ ଅଚ୍ଚିତା ମିତଲ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି । ଚୋରି, ଲୁଟ, ଠକେଇ ପରି ୮ଟି ମାମଲାରେ ୧୪ ଜଣ ଅଭିଯୁକ୍ତ କୁ ଗିରଫ କରିଛି । ଏହା ସହ ଜଣେ ନାବାଳକକୁ ମଧ କାବୁ କରି ଜୁଭେଲାଇନ ଜଷ୍ଟିସ ଙ୍କ ନିକଟରେ ହାଜର କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବେଢା ସାହିର ଉମା ସଙ୍କର ନାୟକ, କଣ୍ଡରା ସାହିର ସୁମିତ ବେହେରା , ନନ୍ଦଗୁଡାର ଅରୁଣ ବେହେରା , ଓଡିଆ ମେଦ୍ରି ସାହିର ବାଦଲ ପୁଜାରି, ଗୋପବନ୍ଧୁ ନଗରର ସାହିର ଡଙ୍ଗରି, ଓଡିଆ ମେଦ୍ରି ସାହିର ଗଣେଷ ମୁଦୁଲି, ପାର୍କ ଲାଇନର ରାଜା ଗୌଡ, ଇରିଗେସନ କୋଲନିର ବି ଅରୁଣ ଦୟ ଦାସ, କୁସୁମପୁଟର ଅର୍ଜୁନ ହରିଜନ ଓ ମହେଶ୍ୱର ବିଷୋୟୀ , ଜୟନଗରର ଗଣେଷ ହରିଜନ ,ଚିଲିଗୁଡା ପାଇକ ସାହିର ପିଂଟୁ ହରିଜନ , ଦିଶାରିଗୁଡା ସୁକାନ୍ତ ହରିଜନ, ବରାଗୁଡା ଗ୍ରାମର ରାଜେଶ ପରଜା । ଗିରଫ ଅଭିଯୁକ୍ତଙ୍କ ଠାରୁ ୨ଲକ୍ଷ ଟଙ୍କା, ଛୁରି, ମୋବାଇଲ, ଚୋରି ସାମଗ୍ରୀ ଜବତ କରିଛି ।

ସୁଚନା ଅନୁଯାଇ ୧୯.୭.୨୬ ରେ ପାଓାର ହାଉସ କଲୋନିରେ ସନ୍ତୋଷ କୁମାର ତ୍ରିପାଠି ଅଭିଯୋଗ କରିଥିଲେ । ଘରେ ପଶି ୨ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭି ଯୋଗ ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ଜଣେ ଅଭିଯୁକ୍ତକୁ ଗିରଫ କରି ୮୦ ଜବତ କରିଛି । ସେହିପରି ୭.୯.୨୬ ତାରିଖରେ ବୈପାରିଗୁଡାର ତିଳ ଚନ୍ଦ୍ର ପାଡିଆ ଅଭି ଯୋଗ କରିଥିଲେ । ଛୁରି ଦେଖାଇ ୨୦ ହଜାର ଲୁଟ କରିଥିବା ଅଭିଯୋଗ ହୋଇଥିଲା । ୨ ଜଣ ଗିରଫ କରି ୧୫ ହଜାର ଟଙ୍କା ଜବତ କରିଛି। ସେହିପରି ୧୦.୯.୨୬ ଓଡିଆ ମେଦ୍ରିସାହିର ଏ ମହେଶ ଅଭିଯୋଗ କରିଥିଲେ । ଘରେ ପଶି ଦୁର୍ବୃତମାନେ ଚୋରି କରିଥିଲେ । ଅଭିଯୋଗରେ ୩ ଅଭିଯୁକ୍ତକୁ ଗିରଫ କରି ପିତଳ ଜିନିଷ ସହ ୧ ଲକ୍ଷ ଜବତ କରିଛି। ସେହିପରି ୧୭.୯.୨୬ ଦ୍ୱିତିୟ ଦୈନିକ ବଜାର ଫେଂଟା ଗୌତମ କୁମାର ନବ ନିର୍ମାତ ଘର ପ୍ରସାର ରାଓପେଟାରେ ନିର୍ମାଣ କରୁଥିବା ବେଳେ ୧୦ ବେଂଟଲ ବିଦ୍ୟୁତ ତାର ଚୋରି ହୋଇଛି । ଅଭିଯୋଗ ରେ ଜଣେ ଅଭିଯୁକ୍ତ ସହ ଜଣେ ନାବାଳକ କୁ ଗିରଫ କରି ଚୋରି ହୋଇଥିବା ବିଦ୍ୟୁତ ତାର କୁ ଜବତ କରିଛି । ସେହିପରି ୧୮.୯. ୨୬ ଅଖିଳେଶ ପଟେଲ ଅଭିଯୋଗ କରିଥିଲେ । ଠକେଇ ହୋଇଥିବା ନେଇ ଅଭିଯୋଗ କରିଥିଲେ । ଏହି ମାମଲାରେ ଜଣେ ଅଭିଯୁକ୍ତ କୁ ଗିରଫ କରି ଗୁରୁତ୍ୱ ପୁର୍ଣ୍ଣ କାଗଜ ପତ୍ର ଜବତ କରିଛି । ସେହିପରି ୨୦.୯.୨୬ ଭି.ସବରିସ ଅଭିଯୋଗ କରିଥିଲେ । ଧମକ ଦେଇ ୫ ହଜାର ଟଙ୍କା ଲୁଟ କରିଥିଲେ । ୨ ଅଭିଯୁକ୍ତ ଗିରଫ ସହ ଛୁରି ସହ ୫ ହଜାର ଟଙ୍କା ଜବତ କରିଛି । ସେହିପରି ପାରାବେଡା ରାମ ଚନ୍ଦ୍ର ସାହୁ ୧୮.୯.୨୬ ତାରିଖରେ ଚୋରି ମାମଲା ହୋଇଥିବା ଅଭି ଯୋଗ କରିଥିଲେ। ଚୋରି ସାମଗ୍ରୀ ଜବତ ସହ ୨ ଅଭିଯୁକ୍ତ ଗିରଫ । ସେହିପରି ଜୟପୁର ସହରରେ ଆଜି ସ୍ପଷ୍ଟ ଦିବା ଲୋକରେ ମହିଳା ଶ୍ରମିକଙ୍କ ଠାରୁ ମୋବାଇଲ ଲୁଟ କରି ଚମ୍ପଟ ମାରିବା ସମୟରେ ଘଟିଥିଲା ଦୁର୍ଘଟଣା ୨ ଲୁଟେରାକୁ ଧରି ପୋଲିସକୁ ଜିମା ଦେଲେ ଲୋକେ । ୨ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ । ସୁଚନା ଅନୁଯାଇ ୨ ଜଣ ମହିଳା ଶ୍ରମିକ କୁମାରୀ ଖରା ଓ ଶାନ୍ତି ହରିଜନ ଯାଉଥିବା ସମୟରେ ପଂଚାନନ ମନ୍ଦିର ଛକରେ ଦୁଇ ଜଣ ଦୁର୍ବୃତ ଆସି ମୋବାଇଲ ଲୁଟ କରିଥିଲେ । ମୋବାଇଲ ଲୁଟ କରି ଦ୍ରୁତ ଗତିରେ ଫେରାର ହେବାକୁ ଉଦ୍ୟମ କରିବା ବେଳେ ଭାରସ୍ୟାମ ହରାଇ ଦୁର୍ଘଟଣା ଘଟାଇବା ପରେ ସ୍ଥାନୀୟ ଲେକେ ଡଙ୍ଗର ଦେଇ ମନ୍ଦିର ନିକଟରେ ଧରିଥିଲେ । ଦୁଇ ଜଣ ମହିଳା ନିଜ କାର୍ଯ୍ୟସ୍ଥଳକୁ ଯାଉଥିବା ବେଳେ ବାଇକରେ ଆସି ଦୁଇ ଜଣ ଯୁବକ ପଛପଟୁ ମୋବାଇଲ ଲୁଟ କରି ବାଇକରେ ଚମ୍ପଟ ମାରିବା ସମୟରେ ଜଣେ ଛୋଟ ଶିଶୁ କୁ ଧକ୍କା ଦେଇ ଦୁଇ ଜଣ ତଳେ ପଡିଯାଇଥିଲେ । ତାଙ୍କର ବାଇକ ଆଉ ଷ୍ଟାର୍ଟ ହେଲା ନାହିଁ । ଫଳରେ ସ୍ଥାନୀୟ ବାସିନ୍ଦା ୨ ଲୁଟେରାକୁ ଧରି ଟାଉନ ପୋଲିସ କୁ ସୁଚନା ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଂଚି ୨ ଲୁଟେରାକୁ କାବୁ କରି ଥାନାକୁ ନେଇ ଥିଲେ । ଏନେଇ ଦୁଇ ଜଣ ମହିଳା ଶ୍ରମିକ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ ।

## ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ ୨୦୨୬ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ବୈଠକ


ଖୋର୍ଦ୍ଧା,୨୨/୦୯ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ ୨୦୨୬ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ବୈଠକରେ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ, ଭୁବନେଶ୍ୱର, ଡ଼ଃ ମନୋରଞ୍ଜନ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସ୍ୱିଟି ସୋରେନ, ଡେପୁଟୀ କଲେକ୍ଟର, ରଞ୍ଜନ କୁମାର ମହାନ୍ତି, ଡେପୁଟୀ କଲେକ୍ଟର, ନିର୍ବାଚନ, ସଂଗ୍ରାମ ଜେନା ପ୍ରମୁଖ ମଂଚାସୀନ ଥିବାବେଳେ, ରାଜନୈତିକ ଦଳ ମଧ୍ୟରେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତା ବଦ୍ରି ନାରାୟଣ ଦାଶ, ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକର୍ତା ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତା, ଦିଲ୍ଲିପ ହୋତା ଏବଂ ବିଜୁ ଜନତା ଦଳ କାର୍ଯ୍ୟକର୍ତା ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ଏବଂ ସମସ୍ତ ପ୍ରିଂଟ ଓ ଇଲେକ୍ଟ୍ରୋନିକ ମିଡିଆ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ବାଇକରେ ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଲା ଅଭିଯୁକ୍ତ

ଝାରସୁଗୁଡ଼ା,୨୨/୦୯ (ନି.ପ୍ର): ନିଶା କାରବାର ବିରୋଧରେ ଝାରସୁଗୁଡ଼ା ପୁଲିସର 'ଦମନ' ଅଭିଯାନ ଜାରି ରହିଥିବା ବେଳେ ଲଖନପୁର ପୁଲିସକୁ ମିଳିଛି ଆଉ ଏକ ସଫଳତା। ବନ୍ଧବାହାଲ-ଫାଣ୍ଡି ରାସ୍ତାର ଜମୁନା ଛକ ନିକଟରେ ଯାନବାହନ ଯାଂଚ ସମୟରେ ୩.୦୯ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ୨୧ ତାରିଖରେ ବିଶ୍ୱସନୀୟ ସୂଚନା ଆଧାରରେ ଜମୁନା ଛକ ନିକଟରେ ପାଟ୍ରୋଲିଂ ଓ ଯାନବାହନ ଯାଂଚ ଚାଲିଥିଲା। ଏହି ସମୟରେ ଏକ ମୋଟରସାଇକେଲରେ ଏୟାରବ୍ୟାଗ ନେଇ ଯାଉଥିବା ବାବୁଲୁ ଓରଫ ଟୁକାରାମ ଭୋଇ ଓରଫ ଭୋଏ (୪୩)ଙ୍କୁ ପୁଲିସ ଅଟକାଇ ଯାଂଚ କରିଥିଲା। ଏୟାରବ୍ୟାଗ୍ ଭିତରୁ ୩.୦୯ କେଜି ଗଞ୍ଜେଇ ମିଳିଥିଲା। ଗିରଫ ଅଭିଯୁକ୍ତ ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ସର୍ଙ୍କର୍ମା ଗ୍ରାମର ସନ୍ତୋଷ ଭୋଇ ଓରଫ ଭୋଏଙ୍କ ପୁଅ। ପୁଲିସ ତାଙ୍କ ନିକଟରୁ ଗଞ୍ଜେଇ ସହ ଏକ କଳା ରଙ୍ଗର ଏୟାରବ୍ୟାଗ, ହୋଣ୍ଡା ଏସ୍ପି ୧୨୫ ମୋଟରସାଇକେଲ୍, ଓପୋ ଇ୧୭ ମୋବାଇଲ୍ ଫୋନ୍ ଓ ଆଧାର କାର୍ଡ ଜବତ କରିଛି। ଲଖନପୁର ଥାନା ଏସ୍‌ଆଇ ସସ୍ମିତା ଖୁଂଟିଆଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ଉ କରିଥିଲା। ଏନେଇ ଲଖନପୁର ଥାନାରେ କେସ୍ ନଂ-୨୬୨/୨୧.୦୯.୨୦୨୬ରେ ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ଆଇଆଇ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଉତ୍ସ ଏବଂ ଏହା ସହ ଜଡ଼ିତ ଅନ୍ୟମାନଙ୍କ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି। ନିଶା କାରବାର ବିରୋଧରେ 'ଦମନ' ଅଭିଯାନ ଅଧୀନରେ ଆଗାମୀ ଦିନରେ ମଧ ଚଢ଼ଉ ଜାରି ରହିବ ବୋଲି ଝାରସୁଗୁଡ଼ା ପୁଲିସ ପକ୍ଷରୁ କୁହାଯାଇଛି।

# ବରମ୍ବାର ଅଘୋଷିତ ବିଜୁଳିକାଟ ବିରୋଧରେ ବରିଷ୍ଠ ନାଗରିକ ମଞ୍ଚର ପ୍ରତିବାଦ: ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜଳେଶ୍ୱର,୨୨/୦୯ (ନି.ପ୍ର): ରକ୍ଷଣାବେକ୍ଷଣ ନାମରେ ବିଦ୍ୟୁତ୍ ବିଭାଗର ମନୋମୁଖୀ ଓ ଘଣ୍ଟା ଘଣ୍ଟା ଧରି ଚାଲିଥିବା ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ସମଗ୍ର ଜଳେଶ୍ୱରବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ଅନୁକୂଳ ପାଗ ସତ୍ତ୍ୱେ ପ୍ରାୟ ପ୍ରତିଦିନ ଏଭଳି ଘନ ଘନ ବିଜୁଳିକାଟ ହେବା ଫଳରେ ସ୍ଥାନୀୟ ରୋଗୀ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଜୀବନଯାତ୍ରା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହାର ପ୍ରତିବାଦ କରି ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ପ୍ରତିନିଧିଦଳ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ରତିରଞ୍ଜନ ରାଉତଙ୍କୁ ସାକ୍ଷାତ କରିଛନ୍ତି। ଏହି ଅଘୋଷିତ ବିଜୁଳିକାଟର ତୁରନ୍ତ ସ୍ଥାୟୀ



ସମାଧାନ ପାଇଁ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧିଦଳରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡକ୍ଟର ରମାକାନ୍ତ ଭଞ୍ଜ, ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସମାଜସେବୀ ସିତାଂଶୁ ସେନାପତି, ଇଂଶ୍ରୀମନ୍ତ କୁମାର ଘୋଷ, ଶିକ୍ଷାବିତ ଖଗେନ୍ଦ୍ରନାଥ ସାହୁ ଏବଂ କପିଳେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ଦାବି ଉପସ୍ଥାପନ କରିଥିଲେ। ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ବୈଠକରୁ ଚେତାବନୀ ମିଳିଛି।

# ବିଏଲ୍‌ଓ ଆପ୍‌ର ଅପବ୍ୟବହାର, ଧାମନଗର ଏନ୍‌ଏସି ଇଓ ନିଲମ୍ବିତ, ଇସିଆଇଙ୍କ ସ୍ୱୀକୃତି

ଭଦ୍ରକ,୨୨/୦୯ (ନି.ପ୍ର): ଏହି ଜିଲାର ଧାମନଗର ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଙ୍କୁ ଭାରତୀୟ ନିର୍ବାଚନ ଆୟୋଗ ନିଲମ୍ବନ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ବେଳେ ଭୋଟର ତାଲିକା ସଂଶୋଧନରେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍‌ଓମାନଙ୍କ ଗୋପନୀୟ ଆଇଡି ଏବଂ ଓଟିପିର ଅନଧିକୃତ ବ୍ୟବହାର କରି ବେଆଇନ ଭାବେ ଫର୍ମ-୭ ଆବେଦନ ଅପଲୋଡ କରିବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପତ୍ର ସଂଖ୍ୟା ୫୯୭୬ ଅନୁଯାୟୀ, ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ନିଲମ୍ବନ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଓଡ଼ିଶା ଅସାମରିକ ସେବା ନିୟମାବଳୀ- ୧୯୬୨ର ଧାରା ୧୫ ଅନୁସାରେ ତାଙ୍କ ବିରୋଧରେ ଗୁରୁତର ଦଣ୍ଡବିଧାନ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଲାଗି ପ୍ରସ୍ତାବ ଓ ଦସ୍ତାବିଜ ତୁରନ୍ତ ଦେବାକୁ କୁହାଯାଇଛି। ଧାମନଗର ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ ବେଳେ ବେଆଇନ ଭାବେ ଫର୍ମ- ୭ ଦାଖଲ କରି ଅନେକ ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବାର ଅଭିଯୋଗ ଆସିଥିଲେ। ଏଥିଲାଗି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ତାଙ୍କ ଅଧିନରେ ଥିବା ବୁଥ ସ୍ତରୀୟ ଅଧିକାରୀଙ୍କ ଲଗ୍ ଇନ୍ ଆଇଡି ଏବଂ ଓଟିପି ନେଇ ଏହି ଫର୍ମ- ୭ ବା ତାଲିକାରୁ ନାମ୍ ବାଦ୍ ଲାଗି ଆବେଦନ ପତ୍ର ଦାଖଲ କରିଥିଲେ। ଏ ସଂପର୍କରେ ବିଏଲ୍‌ଓମାନେ ଆପତି ଉଠାଇଥିଲେ। ଥାନାରେ ଏତଲା ମଧ ଦେଇଥିଲେ। ଘଟଣାକୁ ରାଜନୈତିକ ପ୍ରସଙ୍ଗ କରି ବିରୋଧୀ ବିଜୁ ଜନତା ଦଳ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା। ପରେ ରାଜ୍ୟ ବିଜୁ ଜନତା ଦଳ ପ୍ରତିନିଧି ଏହାକୁ ପ୍ରସଙ୍ଗ କରି ରାଜ୍ୟପାଳଙ୍କୁ ଭେଟି ଅଭିଯୋଗ ମଧ କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଯାଇଥିଲା। ଏହି ଅଭିଯୋଗ ଆଧାରରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୮ ତାରିଖରେ ନିଲମ୍ବନ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରୀୟ ନିର୍ବାଚନ ଆୟୋଗ ଙ୍କୁ ସୁପାରିଶ କରାଯାଇଥିଲା।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ତୃତୀୟ ଗସ୍ତର ଶୁଭାରମ୍ଭ

ବଲାଙ୍ଗିର,୨୨/୦୯ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା'ର ତୃତୀୟ ଗସ୍ତ ଅନ୍ତର୍ଗତ 'ଅଯୋଧା-ବନାରସ ତୀର୍ଥ ଯାତ୍ରା'ର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ଓ ସୁବିଧାଜନକ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର ଏବଂ ଚୂଡ଼ାପାଲି ଚିକିତ୍ସା ଅଧିକାରୀ ଡାଃ. ଶୁଭ୍ରାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଂଚଳରୁ ସମୁଦାୟ ୧୪୧ ଜଣ ବରିଷ୍ଠ ନାଗରିକ ଅଯୋଧା ଓ ବନାରସ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରୀମାନଙ୍କ ସୁବିଧା ତଦାରଖ କରିବା ପାଇଁ ୪ ଜଣ ଏସକର୍ଟ ଅଫିସର ନିୟୋଜିତ ହୋଇଛନ୍ତି। ଯାତ୍ରା ଆରମ୍ଭ ପୂର୍ବରୁ ସମସ୍ତ ଶ୍ରଦ୍ଧାଳୁଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଜରୁରୀକାଳୀନ ଔଷଧ ପ୍ରଦାନ କରାଯାଇଥିଲା। ଯାତ୍ରୀମାନଙ୍କ ଯାତାୟାତ ପାଇଁ ପ୍ରଶାସନ ପକ୍ଷରୁ ୪ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଥିବାବେଳେ, ଶ୍ରଦ୍ଧାଳୁମାନେ ସମ୍ବଲପୁରରୁ ଟ୍ରେନ୍ ଯୋଗେ ଅଯୋଧା ଓ ବନାରସ ଅଭିମୁଖେ ଯାତ୍ରା କରିବେ। ପ୍ରଶାସନର ଏହି ପଦକ୍ଷେପ ବରିଷ୍ଠ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି।

# ଖୁଦୁରୁକୁଣୀ ଓଷାର କମଳକୁଞ୍ଜ: ଭାଇର ମଙ୍ଗଳ କାମନାରେ ଓଡ଼ିଆ ଝିଅର ଭକ୍ତି, ସୌନ୍ଦର୍ଯ୍ୟ ଓ ଲୋକପରମ୍ପରା

## ମିଳନ କୁମାର ମିଶ୍ର (ଭରଦ୍ୱାଜ)



ଭାଦ୍ରବ ଆସିଲେ ଓଡ଼ିଶାର ଗାଁଗହଳିର ପବନରେ ଯେମିତି ଏକ ଅଲଗା ବାସ୍ନା ମିଶିଯାଏ । ଶିଉଳି ଫୁଟିବାର ଆଗରୁ, ବର୍ଷାର ଭିଜା ମାଟିର ବାସ୍ନା ସହିତ, ଓଡ଼ିଆ ଘରର ଅଗଣାରେ ଶୁଭିଯାଏ ଝିଅମାନଙ୍କର ଗୀତ । ହାତରେ ଫୁଲ, ମୁଣ୍ଡରେ ଫୁଲ, ମନରେ ଭାଇ ପାଇଁ ଅସୀମ ଶୁଭକାମନା—ଏହି ପରିବେଶରେ ଆସେ ଖୁଦୁରୁକୁଣୀ ଓଷା । ପୂର୍ବେ ଓଡିଶାର ଗାଁ ଗହଳିରେ ଏହା ଥିଲା ଓଡ଼ିଆ ଘରର ଝିଅର ହୃଦୟର ଭାଷା । ଭାଇ ଦୂରରେ ଥିଲେ ତା'ର ନିରାପଦ ଫେରିବା ପାଇଁ, ଭାଇ ପାଖରେ ଥିଲେ ତା'ର ଦୀର୍ଘାୟୁ ପାଇଁ, ଆଉ ସବୁବେଳେ ତା' ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ରହୁ—ଏହି ମଙ୍ଗଳ କାମନାରେ ମା' ମଙ୍ଗଳାଙ୍କ ଆରାଧନା କରୁଥିଲା ଓଡ଼ିଆ ଝିଅ । ଭାଦ୍ରବ ମାସର ରବିବାରଗୁଡ଼ିକରେ ପାଳିତ ଏହି ଓଷା ତଅପୋଇ ଓଷା ବା ଭାଲୁକୁଣୀ ଓଷା ନାମରେ ମଧ୍ୟ ପରିଚିତ । ନାମ ଅଲଗା ହୋଇପାରେ, ରୀତିରେ ଅଞ୍ଚଳଭେଦ ଥାଇପାରେ; କିନ୍ତୁ ଏହାର ହୃଦୟରେ ଯେଉଁ ଭାବନାଟି ଥିଲା, ସେଇଟି ଥିଲା ଭାଇ ପାଇଁ ଭଉଣୀର ନିର୍ମଳ ଭଲପାଇବା ।

କେତେ ମଧୁର ଥିଲା ସେଇ ପିଲାଦିନ ! ଭାଦ୍ରବ ମାସ ଆସିଲେ ଘରର ଝିଅମାନେ ଆଉ ଟିକିଏ ଆଗରୁ ଉଠୁଥିଲେ । ମା' କିମ୍ବା ଜେଜେମା'ଙ୍କ ପଛେ ପଛେ ପୋଖରୀଘାଟକୁ ଯିବା, ଘାଟର ପାହାଚ ଉପରେ ବସି ଫୁଲ ବାଛିବା, କେହି କାହାଠାରୁ ଅଧିକ ସୁନ୍ଦର ଫୁଲ ଆଣିଛି ବୋଲି ଟିକିଏ ଗର୍ବ କରିବା, ପୁଣି ଏକାଠି ହୋଇ ହସିବା—ଏସବୁ ଥିଲା ସେହି ଦିନର ଛୋଟ ଛୋଟ ଆନନ୍ଦ । ପୋଖରୀର ପାଣିରେ ଆକାଶର ଛାଇ, ଘାଟ କଡ଼ରେ ନଇଁଯାଇଥିବା ଗଛର ଡାଳି, ଆଉ ଘାଟର ଅନ୍ୟ ପାର୍ଶ୍ୱରୁ ଭାସିଆସୁଥିବା ଝିଅମାନଙ୍କର ଗୀତ—ସେହି ଦୃଶ୍ୟରେ ଥିଲା ଏକ ଅଲଗା ଓଡ଼ିଆପଣ । ଆଜି ସେହି ଘାଟ ଅଛି କି ନାହିଁ, ସେହି ଗଛଟି ଅଛି କି ନାହିଁ, ଜଣା ନାହିଁ; କିନ୍ତୁ ସ୍ମୃତିର ପୋଖରୀଘାଟରେ ସେହି ଦିନଗୁଡ଼ିକ ଆଜି ବି ଭାସୁଛି ।

ଖୁଦୁରୁକୁଣୀ ଓଷାର ହୃଦୟରେ ରହିଛି ତଅପୋଇର କାହାଣୀ । ସାତ ଭାଇର ଅଲିଅଳି ସାନ ଭଉଣୀ ତଅପୋଇ । ଭାଇମାନେ ବୋଇତ ନେଇ ବାଣିଜ୍ୟ ପାଇଁ ସମୁଦ୍ରପାରକୁ ଯାଇଥାନ୍ତି । ଭାଇମାନଙ୍କ ପ୍ରତି ତଅପୋଇର ଥିଲା ଅସୀମ ସ୍ନେହ । ଦୂର ଦେଶକୁ ଯାଇଥିବା ଭାଇମାନେ ନିରାପଦରେ ଫେରିଆସନ୍ତୁ, ତାଙ୍କ ଜୀବନ ମଙ୍ଗଳମୟ ହେଉ—ଏହି ପ୍ରାର୍ଥନା ଥିଲା ତା'ର ମନରେ । ତଅପୋଇର କାହାଣୀରେ ଦୁଃଖ ଅଛି, ଅପମାନ ଅଛି, ଅପେକ୍ଷା ଅଛି; କିନ୍ତୁ ସେସବୁକୁ ଅତିକ୍ରମ କରି ଯେଉଁ ଭାବନାଟି ସବୁଠାରୁ ଅଧିକ ଦୀପ୍ତ, ସେହିଟି ହେଉଛି ଭାଇ-ଭଉଣୀର ନିର୍ମଳ ସ୍ନେହ । ତେଣୁ ତଅପୋଇ କେବଳ ଗୋଟିଏ ଲୋକକାହାଣୀର ଚରିତ୍ର ନୁହେଁ; ସେ ହୋଇଯାଇଛନ୍ତି ଓଡ଼ିଆ ଭଉଣୀର ଚିରନ୍ତନ ପ୍ରତୀକ । ଗୋପୀନାଥ ଦାସଙ୍କ ଖୁଦୁରୁକୁଣୀ ଓଷା ପଦ୍ୟ ଏହି ଲୋକକଥାକୁ ଲୋକପ୍ରିୟ ସାହିତ୍ୟିକ ରୂପ ଦେଇଛି ।

ଏହି ଓଷାର ଆଉ ଏକ ମନଛୁଆଁ ଦିଗ ହେଉଛି - କମଳକୁଞ୍ଜ । କମଳ ଅର୍ଥ ପଦ୍ମ, କୁଞ୍ଜ ଅର୍ଥ ଫୁଲ-ଲତାରେ ଘେରା ସୁନ୍ଦର ସ୍ଥାନ। ଖୁଦୁରୁକୁଣୀ ଓଷାର ବିଭିନ୍ନ ଅଞ୍ଚଳ ଭେଦରେ ପୂଜାସ୍ଥଳକୁ ଫୁଲ, ପତ୍ର, ଡାଳି ଓ ପ୍ରାକୃତିକ ଉପାଦାନରେ ସଜାଇବାର ରୀତି ରହିଛି । ସେହି ଫୁଲପତ୍ରରେ ଘେରା ପବିତ୍ର ପୂଜାସ୍ଥଳ କେତେକ ଅଞ୍ଚଳରେ 'କମଳକୁଞ୍ଜ' ନାମରେ ପରିଚିତ । ଏହା କେବଳ ସାଜସଜ୍ଜା ନୁହେଁ; ଏହା ଥିଲା ଏକ ଛୋଟ ଝିଅର ନିଜ ହାତରେ ଗଢ଼ା ଏକ ପବିତ୍ର ସ୍ୱପ୍ନର ଘର ।

ପୂଜା ଆଗରୁ ଝିଅମାନେ ଫୁଲ ତୋଳୁଥିଲେ, ପତ୍ର ସଂଗ୍ରହ କରୁଥିଲେ, ମାଟି କିମ୍ବା ବାଲି ଆଣୁଥିଲେ । କେହି ପୋଖରୀଘାଟରୁ ଫୁଲ ଆଣୁଥିଲା, କେହି ଘରବାଡ଼ିର ବାଡ଼ିରୁ ପତ୍ର, କେହି ପୁଣି ମା'ଙ୍କଠାରୁ ଶିଖିଥିବା ଛୋଟ ଦୀପ ତିଆରି କରୁଥିଲା । କାହା ହାତରେ ମାଟି, କାହା ହାତରେ ଫୁଲ, କାହା ମୁହଁରେ ଗୀତ—ସମସ୍ତେ ମିଶି ତିଆରି କରୁଥିଲେ ସେହି ଛୋଟ ଦେବୀଘର । ଗାଁରେ ଘରେ ଘରେ ଗୋବରଲିପା ବା ମାଟିଲିପାରେ ପୂଜାସ୍ଥଳ ପବିତ୍ର କରିବାର ପୁରୁଣା ପରମ୍ପରା ଥିଲା । ପୋଖରୀ କିମ୍ବା ନଦୀରୁ ଆଣିଥିବା ବାଲି ଓ ମାଟିରେ ବେଦି ତିଆରି ହୁଏ । ଋତୁର ଫୁଲ, ପତ୍ର, ଲତା ଓ ଡାଳିରେ ତାହାକୁ ସଜାଯାଏ । ସେଠାରେ ସ୍ଥାପିତ ହୁଏ ମା' ମଙ୍ଗଳାଙ୍କ ପ୍ରତିମା । ଫୁଲ, ଧୂପ, ଦୀପ ଓ ନୈବେଦ୍ୟରେ ପୂଜା ହୁଏ । ଖୁଦ ଭଜା ଏହି ଓଷାର ଏକ ପ୍ରମୁଖ ଭୋଗ ଭାବେ ପ୍ରଚଳିତ । ସେଥିପାଇଁ ଏହି ପୂଜାର ନାମକରଣ ହୁଏତ ଖୁଦୁରୁକୁଣୀ ।

କିନ୍ତୁ ସେହି କମଳକୁଞ୍ଜର ସୌନ୍ଦର୍ଯ୍ୟ ଥିଲା ତାହାର ସରଳତାରେ । ନଥିଲା ଥର୍ମୋକଲର ଚକଚକାହଟ, ନଥିଲା ବିଦ୍ୟୁତ୍ ଆଲୋକର ଝଲମଲ, ନଥିଲା ବଜାରରୁ କିଣା ସଜାସଜା । ଥିଲା କେବଳ ମାଟି, ବାଲି, ପତ୍ର, ଫୁଲ, ଦୀପ ଓ ଭକ୍ତି । ଝିଅଟିଏ ନିଜ ହାତରେ ଯେତେବେଳେ ଫୁଲ ଗୁନ୍ଥୁଥିଲା, ତା' ମନରେ ହୁଏତ ଥିଲା ଗୋଟିଏ ଛୋଟ ପ୍ରାର୍ଥନା—"ମା', ମୋ ଭାଇଟିକୁ ଭଲରେ ରଖ ।" ସେହି ପ୍ରାର୍ଥନାର ଓଜନ କୌଣସି ଆଡ଼ମ୍ବରରେ ମାପି ହୁଏନାହିଁ । ତାହା ଥିଲା ଏକ ଭଉଣୀର ହୃଦୟରୁ ଉଠିଥିବା ନିର୍ମଳ ଆକୁଳତା ।

ପିଲାଦିନର ସେହି ଦିନଗୁଡ଼ିକରେ ଓଷା କେବଳ ପୂଜା ନଥିଲା; ଥିଲା ମିଳିମିଶି ରହିବାର ଏକ ଅବସର । ଗାଁର ଗୋଟିଏ ଘରର ଝିଅ ଅନ୍ୟ ଘରକୁ ଯାଉଥିଲା, ଫୁଲ ବାଣ୍ଟୁଥିଲା, ଗୀତ ଶିଖୁଥିଲା, ପୁଣି ଅନ୍ୟ ଘରରୁ ନୂଆ କିଛି ଶିଖି ଆସୁଥିଲା । ସନ୍ଧ୍ୟା ହେଲେ ଅଗଣାରେ ଦୀପ ଜଳୁଥିଲା । ଦୂରରୁ ଶୁଭୁଥିଲା ଓଷାଗୀତ । କେଉଁଠି ଶଙ୍ଖ ବାଜୁଥିଲା, କେଉଁଠି ଘଣ୍ଟି । ପାଖ ଘରୁ ଆସୁଥିଲା ଧୂପର ସୁଗନ୍ଧ । ଆକାଶରେ ମେଘ, ଅଗଣାରେ ଦୀପ, ଆଉ ମନରେ ଭାଇ ପାଇଁ ପ୍ରାର୍ଥନା—ସେହି ଦୃଶ୍ୟଟି ଆଜି ମଧ୍ୟ ମନେ ପଡ଼ିଲେ ଲାଗେ, ପିଲାଦିନ ହୁଏତ ସତରେ ଏକ ଛୋଟ ସ୍ୱର୍ଗ ଥିଲା ।

ସମୟ ବଦଳିଛି । ଗାଁ ବଦଳିଛି । ପୋଖରୀଘାଟର ଚିତ୍ର ବଦଳିଛି । ଅନେକ ଅଗଣା ଆଉ ନାହିଁ, ଅନେକ ପୁରୁଣା ଗଛ କଟିଯାଇଛି, ଅନେକ ଘରର ମାଟି କାନ୍ଥ ପକ୍କା କାନ୍ଥରେ ପରିଣତ ହୋଇଛି । ପୋଖରୀକୁ ଫୁଲ ତୋଳିବାକୁ ଯାଉଥିବା ଝିଅମାନଙ୍କ ସ୍ଥାନରେ ଆଜି ହୁଏତ ବଜାରରୁ ଆସୁଛି ସଜାଯାଇଥିବା ଫୁଲ । ହାତରେ ମୋବାଇଲ୍ ଆସିଛି, ଜୀବନ ଦ୍ରୁତ ହୋଇଛି, ଦୂରତା କମିଛି; କିନ୍ତୁ ସେହି ସାମୂହିକ ଆନନ୍ଦର ଅନେକ ରଙ୍ଗ ଧୀରେ ଧୀରେ ଫିକା ହୋଇଯାଉଛି । ତଥାପି ପରମ୍ପରାର ଆତ୍ମା ଯଦି ବଞ୍ଚି ରହେ, ତେବେ ତାହାର ବାହ୍ୟ ରୂପ ବଦଳିଲେ ବି ସେ ମରିଯାଏ ନାହିଁ ।

ଆଜି ଭାଇ ବୋଇତ ନେଇ ସମୁଦ୍ର ସେପାରିକୁ ଯାଉନାହିଁ, କିନ୍ତୁ ଚାକିରି ପାଇଁ ଦୂର ସହରକୁ ଯାଉଛି । କେହି ବିଦେଶରେ, କେହି ମହାନଗରରେ, କେହି ଅନ୍ୟ ରାଜ୍ୟରେ । ଭଉଣୀ ହୁଏତ ତା' ସହିତ ପ୍ରତିଦିନ ଫୋନ୍‌ରେ କଥା ହେଉଛି, ଭିଡିଓ କଲ୍‌ରେ ମୁହଁ ଦେଖୁଛି; କିନ୍ତୁ ମନର ପ୍ରାର୍ଥନାଟି ଆଜି ବି ସେହି—"ମୋ ଭାଇ ଭଲରେ ରହୁ ।" ସେହି ପ୍ରାର୍ଥନାର ଭାଷା ବଦଳିନାହିଁ । କେବଳ ତାହାର ଚାରିପାଖର ଦୁନିଆଟି ବଦଳିଯାଇଛି ।

ଖୁଦୁରୁକୁଣୀ ଓଷା ତେଣୁ କେବଳ ଏକ ଧାର୍ମିକ ଆଚାର ନୁହେଁ; ଏହା ଓଡ଼ିଆ ଲୋକଜୀବନର ଏକ ଜୀବନ୍ତ ପାଠଶାଳା । ଏଠାରେ ଶିଶୁ ଶିଖେ ଭକ୍ତି, ଭଉଣୀ ଶିଖେ ସ୍ନେହ, ପରିବାର ଶିଖେ ମିଳିମିଶି ରହିବା, ଆଉ ସମାଜ ଶିଖେ ନିଜ ପରମ୍ପରାକୁ ପରବର୍ତ୍ତୀ ପିଢ଼ିକୁ ଦେଇଯିବା । ତଅପୋଇର ଲୁହ, ଭାଇ ପାଇଁ ତା'ର ଅପେକ୍ଷା, ମା' ମଙ୍ଗଳାଙ୍କ ପାଖରେ ତା'ର ପ୍ରାର୍ଥନା, ପୋଖରୀଘାଟରୁ ତୋଳା ଫୁଲ, ମାଟିର ବେଦି, ଦୀପର ଆଲୋକ ଓ ଝିଅମାନଙ୍କର ଓଷାଗୀତ—ସବୁ ମିଶି ଏହା ଓଡ଼ିଶାର ସାଂସ୍କୃତିକ ସ୍ମୃତିର ଏକ ଅମୂଲ୍ୟ ଅଧ୍ୟାୟ ।

ହୁଏତ ଆମ ପିଲାଦିନ ଆଉ ଫେରିବ ନାହିଁ । ସେହି ପୋଖରୀଘାଟକୁ ଫେରିଗଲେ ହୁଏତ ସେହି ଝିଅମାନଙ୍କର ହସ ଆଉ ଶୁଭିବ ନାହିଁ । ସେହି ଘାଟର ପାହାଚରେ ବସି ଫୁଲ ବାଛିବା ଦିନ, ସାଙ୍ଗମାନଙ୍କ ସହ ଓଷାଗୀତ ଗାଇବା ଦିନ, ମା'ଙ୍କ ପଛେ ପଛେ ପୂଜାସାମଗ୍ରୀ ନେଇ ଯିବା ଦିନ—ସବୁ ହୁଏତ ସ୍ମୃତିର ଏକ ପୁରୁଣା ଆଲବମ୍ ?ରେ ଅଟକି ରହିଯାଇଛି । କିନ୍ତୁ ସ୍ମୃତିର ମଧ୍ୟ ଗୋଟିଏ ଅଦ୍ଭୁତ ଶକ୍ତି ଅଛି—ସେ ହଜିଯାଇଥିବା ଦିନକୁ ପୁଣି ଆଖି ସାମନାକୁ ନେଇ ଆସେ । ଭାଦ୍ରବ ଆସିଲେ, କେଉଁଠି ଓଷାଗୀତ ଶୁଭିଲେ, କେଉଁଠି ଫୁଲରେ ସଜା ଏକ ଛୋଟ ପୂଜାସ୍ଥଳ ଦେଖିଲେ, ମନ ପୁଣି ଫେରିଯାଏ ସେହି ପୁରୁଣା ଗାଁକୁ, ସେହି ପୋଖରୀଘାଟକୁ, ସେହି ମାଟିର ଅଗଣାକୁ ଓ ସେହି ନିର୍ମଳ ପିଲାଦିନକୁ ।

କମଳକୁଞ୍ଜ ତେଣୁ କେବଳ ଫୁଲ ଓ ପତ୍ରରେ ତିଆରି ଏକ ପୂଜାସ୍ଥଳ ନୁହେଁ । ଏହା ଆମ ସ୍ମୃତିର ଏକ ଛୋଟ ଫୁଲବନ । ତା'ର ପ୍ରତ୍ୟେକ ଫୁଲରେ ଅଛି ଗୋଟିଏ ଭଉଣୀର ପ୍ରାର୍ଥନା, ପ୍ରତ୍ୟେକ ଦୀପରେ ଅଛି ଗୋଟିଏ ଭାଇର ମଙ୍ଗଳକାମନା, ପ୍ରତ୍ୟେକ ମାଟିକଣାରେ ଅଛି ଗୋଟିଏ ଗାଁର ସ୍ମୃତି, ଆଉ ପ୍ରତ୍ୟେକ ଓଷାଗୀତରେ ଲୁଚି ରହିଛି ଆମ ପିଲାଦିନର ହସ । ସମୟ ଆମଠାରୁ ଅନେକ କିଛି ଛଡ଼ାଇ ନେଇଛି, କିନ୍ତୁ ଏହି ସ୍ମୃତିକୁ ଏଯାଏଁ ଛଡ଼ାଇ ନେଇପାରିନାହିଁ ।

ତେଣୁ ଖୁଦୁରୁକୁଣୀ ଓଷା ଯେତେବେଳେ ଆସେ, ମନେ ହୁଏ, ଭାଦ୍ରବର ପବନ କେବଳ ଏକ ଓଷାର ବା ବ୍ରତର ଖବର ନେଇ ଆସୁନାହିଁ; ସେ ଆମକୁ ଡାକି ନେଉଛି ଆମ ମୂଳ ପରମ୍ପରା ପାଖକୁ, ଆମ ଗାଁ ପାଖକୁ, ଆମ ଲୋକସଂସ୍କୃତି ପାଖକୁ, ଆଉ ସବୁଠାରୁ ବେଶୀ—ଆମ ହଜିଯାଇଥିବା ପିଲାଦିନ ପାଖକୁ । ମାଟି ବଦଳିଯାଉ, ଗାଁ ବଦଳିଯାଉ, ପୋଖରୀର ଘାଟ ବଦଳିଯାଉ, ପୂଜାର ରୂପ ବଦଳିଯାଉ; କିନ୍ତୁ ଭାଇର ମଙ୍ଗଳ ପାଇଁ ଭଉଣୀର ସେହି ନିର୍ମଳ ପ୍ରାର୍ଥନା ଯେପର୍ଯ୍ୟନ୍ତ ବଞ୍ଚିଥିବ, ସେପର୍ଯ୍ୟନ୍ତ ଭାଦ୍ରବର ଭିଜା ପବନରେ କେଉଁଠି ନା କେଉଁଠି ଏକ କମଳକୁଞ୍ଜ ନିଶ୍ଚୟ ଫୁଟୁଥିବ । ଆଉ ସେହି କମଳକୁଞ୍ଜର ଫୁଲଗୁଡ଼ିକ ନିରବରେ କହୁଥିବେ—"ମୋ ଭାଇ ଭଲରେ ରହୁ... ତା' ଜୀବନ ସବୁବେଳେ ମଙ୍ଗଳମୟ ହେଉ ।" ସେହି ପ୍ରାର୍ଥନାରେ ହିଁ ବଞ୍ଚି ରହିବ ଓଡ଼ିଆ ଭଉଣୀର ଭଲପାଇବା, ଓଡ଼ିଶାର ଲୋକପରମ୍ପରା ଏବଂ ଆମ ସମସ୍ତଙ୍କର ହଜିଯାଇଥିବା ସେହି ସୁନାର ପିଲାଦିନ ।

ଝମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର୍ ଶାସନ
କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

# ଜାତିର ବିନାଶରେ ସଂରକ୍ଷଣର ବିନାଶ

## ଅଧ୍ୟାପକ ଗୋପବନ୍ଧୁ



ଭାରତବର୍ଷରେ ଉଭୟ ଜାତି ଓ ସଂରକ୍ଷଣ ବ୍ୟବସ୍ଥା ବିବାଦୀୟ ପ୍ରସଙ୍ଗ। ଏହାକୁ ନେଇ ଭିନ୍ନ ଭିନ୍ନ ଆଭିମୁଖ୍ୟ ରହିଛି। ଦଳେ ଅଛନ୍ତି ଯେଉଁମାନେ ଜାତିବ୍ୟବସ୍ଥାକୁ ବିରୋଧ କରନ୍ତି ଓ ଜାତିବିହୀନ ସମାଜରେ ବିଶ୍ୱାସ କରନ୍ତି। ଏମାନଙ୍କ ଯୁକ୍ତି ଯେ ଜାତିବ୍ୟବସ୍ଥା ଯୋଗୁଁ ସଂରକ୍ଷଣ ବ୍ୟବସ୍ଥାର ସୃଷ୍ଟି ହୋଇଛି। ତେଣୁକରି ଜାତି ହଟିଲେ ଆପଣା ଛାଏଁ ଜାତିଗତ ସଂରକ୍ଷଣ ମଧ୍ୟ ହଟିଯିବ। ଅନ୍ୟ ଏକ ଦଳ ଯେଉଁମାନେ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରନ୍ତି, କିନ୍ତୁ ଜାତିବ୍ୟବସ୍ଥାକୁ ସ୍ୱୀକାର କରନ୍ତି। ଏମାନଙ୍କ ମତରେ ଜାତି ଧର୍ମାନୁମୋଦିତ ସାମାଜିକ ବ୍ୟବସ୍ଥା, ତେଣୁ ଜାତିବ୍ୟବସ୍ଥାକୁ ବଜାୟିରଖି ଜାତି ଆଧାରିତ ସଂରକ୍ଷଣକୁ ହଟାଇଦେବା ଉଚିତ। ତୃତୀୟ ଗୋଷ୍ଠୀ ଯେଉଁମାନେ ଉଭୟ ଜାତି ଓ ସଂରକ୍ଷଣ ବ୍ୟବସ୍ଥାକୁ ସମର୍ଥନ କରନ୍ତି। ଏମାନଙ୍କ ଯୁକ୍ତି ଯେ ଜାତିପ୍ରଥା ପୂର୍ବରୁ ରହିଛି ଏବଂ ସଂରକ୍ଷଣ ହେଉଛି ଅନଗ୍ରସର ଜାତିମାନଙ୍କ ସାମ୍ବିଧାନିକ ଅଧିକାର ଓ ଏହା ଅଗ୍ରସର ଜାତିଙ୍କ ପାଇଁ ଧାର୍ମିକ ଅଧିକାର।

ଏ ବିଷୟକୁ ନେଇ ବିତର୍କ ଲାଗିରହିଛି। ବିରୋଧ ଓ ପ୍ରତିରୋଧ ମଧ୍ୟ ଚାଲିଛି। ଯାହା ଅନେକ ସମୟରେ ସାମାଜିକ ବିଦ୍ୱେଷ ଓ ଅସ୍ଥିରତାର କାରଣ ହେଉଛି। ଗଣତନ୍ତ୍ରରେ ଯାହା ସମସ୍ୟା ତା ଉପରେ ବିତର୍କ ହେବା ଜରୁରୀ। କାରଣ ବିତର୍କ ସମାଧାନର ବାଟ ବାହାର କରେ। କେଉଁଟି ଠିକ୍ ଓ କେଉଁଟି ଭୁଲ ତାହା ନିର୍ଣ୍ଣୟ କରିବାରେ ସହାୟକ ହୁଏ। ସମସ୍ୟା ଉପରେ ଆଲୋଚନା ନକରି ଆଡ଼େଇବାକୁ ଚେଷ୍ଟା କରିବା ଅର୍ଥ ସମସ୍ୟାକୁ ବଢିବାରେ ସାହାର୍ଯ୍ୟ କରିବା। ସକାରାତ୍ମକ ବିତର୍କ ସର୍ବଦା ଉପାଦେୟ। ତେଣୁ ସଂରକ୍ଷଣ ବ୍ୟବସ୍ଥା ତଥା ଜାତିବ୍ୟବସ୍ଥା ଉପରେ ବ୍ୟାପକ ଚର୍ଚ୍ଚା ହେବା ଜରୁରୀ। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଉଚିତ। କାହିଁକି ସମ୍ବିଧାନର ପ୍ରଣେତାମାନେ ଜାତି ଆଧାରିତ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ବୁଝିବାର ଆବଶ୍ୟକତା ରହିଛି। ଏହା ସହିତ ସ୍ୱାଧୀନୋତ୍ତର ଭାରତରେ ଜାତି ବ୍ୟବସ୍ଥାର ଯୁକ୍ତିଯୁକ୍ତତା କେତେ ତାହାର ମଧ୍ୟ ତର୍ଜମା ହେବା ଉଚିତ୍।

ଜାତିଗତ ସଂରକ୍ଷଣର ପ୍ରାରମ୍ଭକୁ ନେଇ ଦୁଇଟି ମତ ରହିଛି। ଗୋଟିଏ ହେଉଛି ସାମ୍ବିଧାନିକ ସଂରକ୍ଷଣ ଓ ଅନ୍ୟଟି ହେଉଛି ଜାତିବ୍ୟବସ୍ଥା ସହିତ ମୂଳରୁ ସଂଯୁକ୍ତ ହୋଇ ରହିଥିବା ସଂରକ୍ଷଣ। ସମ୍ବିଧାନ ରଚନା କାଳରେ ଅନଗ୍ରସର ଜାତିମାନଙ୍କର ବିକାଶ ପାଇଁ ଯେଉଁ ସଂରକ୍ଷଣ ସୁବିଧାର ବ୍ୟବସ୍ଥା ରହିଛି ତାହା ହେଉଛି ସାମ୍ବିଧାନିକ ସଂରକ୍ଷଣ। ସମ୍ବିଧାନସମ୍ମତ ଭାବେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ମହିଳାମାଙ୍କନଙ୍କ ବିକାଶ ପାଇଁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଏବଂ କେତେକଙ୍କୁ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦିଆଯାଇଛି। ମହିଳା ସଂରକ୍ଷଣକୁ ଛାଡ଼ି ଏହିପ୍ରକାର ସମସ୍ତ ସଂରକ୍ଷଣର ଯଥାର୍ଥ୍ୟତା ଓ ଆବଶ୍ୟକତା ଉପରେ ସାଧାରଣ ବର୍ଗ ବିରୋଧ ମନୋଭାବ ପୋଷଣ କରି ଆସିଛି। ଏମାନଙ୍କ ମଧ୍ୟରୁ ଅନେକଙ୍କ ମତ ସଂରକ୍ଷଣ ବ୍ୟବସ୍ଥା ଜାତି ଆଧାରରେ ନହୋଇ ଆର୍ଥିକ ଆଧାରରେ ଆର୍ଥିକଭାବେ ଦୁର୍ବଳ ଶ୍ରେଣୀକୁ ଦିଆଯିବା ଆବଶ୍ୟକ। ଏହାକୁ ଗ୍ରହଣ କରାଯାଇ ଅଗ୍ରସର ବର୍ଗର ଅର୍ଥନୈତିକଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ)ଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇଛି। ଏମାନେ ଅନ୍ୟ ଏକ ଯୁକ୍ତି ଉପସ୍ଥାପନ କରି କହନ୍ତି ଯେ ଜାତିଭିତ୍ତିକ ସଂରକ୍ଷଣ ଯୋଗୁଁ ଜାତିବାଦ ବଢୁଛି। ଏହା ନଥିଲେ ଜାତିବାଦ ଲୋପ ପାଇଥାନ୍ତା। ଏହା ଅମୂଳକ ଯୁକ୍ତି। ସ୍ୱାଧୀନତା ପୂର୍ବରୁ ସାମ୍ବିଧାନିକ ସଂରକ୍ଷଣ ନଥିଲା ତଥାପି ତୀବ୍ର ଜାତିବାଦ ଥିଲା।

ସଂରକ୍ଷଣ ବ୍ୟବସ୍ଥାର ଦ୍ୱିତୀୟ ମତଟି ହେଉଛି ଜାତି ନିଜେ ଗୋଟିଏ ସଂରକ୍ଷଣ ବ୍ୟବସ୍ଥା। ଭାରତବର୍ଷରେ ଜାତିବ୍ୟବସ୍ଥାର ଜନନୀ ହେଉଛି ବର୍ଣ୍ଣବ୍ୟବସ୍ଥା। ଏହି ବର୍ଣ୍ଣବ୍ୟବସ୍ଥା ଆଉ କିଛି ନୁହେଁ, ଏହା ହେଉଛି କର୍ମ ବିଭାଜନ, ଅର୍ଥାତ୍ ଜାତିଗତ ସଂରକ୍ଷଣ। କେଉଁ ଜାତି କେଉଁ କାମ କରିବ ତାହାର ନିର୍ଦ୍ଧାରଣ ହିଁ ବର୍ଣ୍ଣବ୍ୟବସ୍ଥା। ଏହା ଏକପ୍ରକାର ବାଧତାମୂଳକ ବୃତ୍ତି। ଚାରିବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ହେଉଛି ବଂଶାନୁକ୍ରମିକ ବର୍ଗ। ଚତୁର୍ଥରେ ଥିବା ଶୁଦ୍ର ହେଉଛି ସେବକ ଗୋଷ୍ଠୀ। ସମସ୍ତ ପ୍ରକାର ଉତ୍ପାଦନ ଓ ଉଚ୍ଚ ତିନି ବର୍ଗର ସେବାକରିବା କାର୍ଯ୍ୟ ଏମାନଙ୍କ ଉପରେ ନ୍ୟସ୍ତ। ବର୍ଣ୍ଣବ୍ୟବସ୍ଥା ସମସ୍ତ ଜାତିକୁ ବୃତ୍ତିଗତ ସଂରକ୍ଷଣ ଦେଇଛି। ଏହା ହଜାର ହଜାର ବର୍ଷଧରି ବଂଶାନୁକ୍ରମିକ ଭାବେ ଚାଲି ଆସିଛି। କର୍ମ ଅନୁସାରେ ବର୍ଣ୍ଣ କୁହାଯାଉଥିଲେ ବି ପ୍ରକୃତରେ ବର୍ଣ୍ଣ ଅନୁସାରେ କର୍ମ ଚାଲି ଆସିଛି। ବୃତ୍ତି ପରିବର୍ତ୍ତନର ସମ୍ଭାବନା ଏକ ମିଥ୍ୟା ଉପସ୍ଥାପନ।

ବ୍ରାହ୍ମଣ ସଂରକ୍ଷଣ ସୁବିଧା ପାଇଛି ପୂଜାପାଠ କରିବାର ଓ ଜ୍ଞାନ ଚର୍ଚ୍ଚା କରିବାର। କ୍ଷତ୍ରୀୟ ସଂରକ୍ଷଣ ସୁବିଧା ପାଇଛି ବ୍ରାହ୍ମଣର ମାର୍ଗଦର୍ଶନ ଅନୁସାରେ ଶାସନ କରିବାର ଓ ରାଜ୍ୟକୁ ସୁରକ୍ଷା ଦେବାର। ବୈଶ୍ୟ ସଂରକ୍ଷଣ ସୁବିଧା ପାଇଛି ବାଣିଜ୍ୟ ବ୍ୟବସାୟ କରିବାର। ଅନ୍ୟ ପକ୍ଷରେ ଶୂଦ୍ର ସମାଜ ଉପରେ ସଂରକ୍ଷଣ ଲଦାଯାଇଛି ସେବା କରିବାର ଓ ସମସ୍ତ ଉତ୍ପାଦନ କାର୍ଯ୍ୟ ସମ୍ପାଦନ କରିବାର। ଏହି ଶୁଦ୍ର ସମାଜକୁ ହଜାର ହଜାର ଜାତିରେ ଭାଗ କରାଯାଇ ବିଭିନ୍ନପ୍ରକାର କାର୍ଯ୍ୟ ତାଙ୍କ ଉପରେ ଲଦାଯାଇଛି। ବଡ ବିଡ଼ମ୍ବନା ହେଉଛି ଯେଉଁମାନେ ଉତ୍ପାଦକ ଗୋଷ୍ଠୀ ସେମାନେ ସମାଜରେ ନୀଚ ଓ ଘୃଣିତ। ଯେଉଁମାନେ ସଫେଇ କାର୍ଯ୍ୟ କରି ପରିବେଶକୁ ନିର୍ମଳ କରୁଛନ୍ତି ସେମାନେ ଅସ୍ପୃଶ୍ୟ। ସ୍ୱାଧୀନତା ପରେ ଅବସ୍ଥାରେ କିଛିଟା ପରିବର୍ତ୍ତନ ଆସିଛି। ଜାତି ବ୍ୟବସ୍ଥାର କ୍ରୁରତା କ୍ରମେ ହ୍ରାସ ପାଉଛି। ଏହାର କାରଣ ହେଉଛି ଅନଗ୍ରସର ବର୍ଗ ପାଉଥିବା ସାମ୍ବିଧାନିକ ସଂରକ୍ଷଣ। ଏହା ତାଙ୍କ ଆର୍ଥିକ ଓ ଶିକ୍ଷାଗତ ବିକାଶ ସହିତ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହାୟକ ହୋଇଛି।

ବର୍ଣ୍ଣବ୍ୟବସ୍ଥା ପ୍ରଦତ୍ତ ସାମାଜିକ ସଂରକ୍ଷଣ ଏବେବି ବଳବତ୍ତର ରହିଛି। ସାମାଜିକ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ମନ୍ଦିରରେ ପୂଜା ବ୍ରାହ୍ମଣ କରିବ। ବାଳ କାଟିବ ବାରିକ। ଲୁଗା ସଫା କରିବ ଧୋବା। ଏହିପରି ଅନେକ କାର୍ଯ୍ୟ ସଂରକ୍ଷିତ ରଖାଯାଇଛି ବିଭିନ୍ନ ଜାତି ପାଇଁ। ବେଳେ ବେଳେ ଶୂଦ୍ରମାନଙ୍କ ଉପରେ ଲଦାଯାଇଥିବା କାର୍ଯ୍ୟକୁ ମାନିବାକୁ ବାଧ କରାଯାଉଛି। ନମାନିଲେ ଅତ୍ୟାଚାର କରାଯାଉଛି। ସବର୍ଣ୍ଣମାନେ ଭାବୁଛନ୍ତି ଆମେ ଯୋଗ୍ୟ ଓ ଶୂଦ୍ରମାନେ ଅଯୋଗ୍ୟ। ଦେଶର ସମସ୍ତ ସୁବିଧା ସୁଯୋଗ ସବର୍ଣ୍ଣମାନେ ପାଇବାକୁ ହକଦାର। ଶୂଦ୍ରମାନେ ଯେମିତି ଥିଲେ ସେହିପରି ରହିବା ଉଚିତ୍। ଉଚ୍ଚନୀଚ ଭେଦଭାବ ଓ ଘୃଣା-ଦ୍ୱେଷ ଭାବର ସମାହାର ହିଁ ଜାତି। ବର୍ଣ୍ଣ ବ୍ୟବସ୍ଥାର ସୃଷ୍ଟି କାଳରୁ ଏହା ରହିଛି। ସମ୍ବିଧାନର ପ୍ରଣେତାମାନେ ସମାଜର ଏ ମାନସିକତାକୁ ଠିକଭାବେ ବୁଝିଥିଲେ। ସେମାନେ ଚାହିଁଥିଲେ ସମାଜରେ ସମାନତା ଆଣିବା ପାଇଁ। ତଳେ ପଡିଥିବା ଶୂଦ୍ର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ। ତେଣୁ ସେମାନଙ୍କୁ ଚାକିରି, ଶିକ୍ଷା ଓ ସ୍ଥଳ ବିଶେଷରେ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି।

ସଂରକ୍ଷଣ ହେଉଛି ନିର୍ମୂଳୀ ଲତା। ଜାତି ବ୍ୟବସ୍ଥା ଉପରେ ଏହା ମାଡିଛି। ଜାତି ହଟିଲେ ସମସ୍ତ ପ୍ରକାର ଜାତିଗତ ସଂରକ୍ଷଣ ମଧ୍ୟ ହଟିବ। ସାମ୍ବିଧାନିକ ସଂରକ୍ଷଣର ମୂଳ ଆଧାର ଜାତି। ସେହିପରି ସାମାଜିକ ସଂରକ୍ଷଣର ମୂଳ ଆଧାର ମଧ୍ୟ ଜାତି। ଜାତି ବ୍ୟବସ୍ଥା ଏକ ବିକଶିତ ଓ ସୁସଭ୍ୟ ସମାଜର ଲକ୍ଷଣ ନୁହେଁ। ଏହା ହଟିଲେ ସମାଜ ଐକ୍ୟବଦ୍ଧ ହେବ। ସମସ୍ତ ପ୍ରକାର ବିଭେଦ ହଟିବ। ସ୍ୱାଧୀନତା ପରେ ଆଉ ସାମାଜିକ ସଂରକ୍ଷଣର କୌଣସି ଆବଶ୍ୟକତା ନାହିଁ। ତେଣୁ ବର୍ଣ୍ଣବ୍ୟବସ୍ଥା ଜନିତ ସଂରକ୍ଷଣକୁ ସମାପ୍ତ କରାଯିବା ଉଚିତ। ଏହା ହଟିଲେ ସାମ୍ବିଧାନିକ ସଂରକ୍ଷଣ ମଧ ଆପେ ହଟିବ। ମୂଳ ନଥିଲେ ଶାଖା ପ୍ରଶାଖା କୋଉଠୁ ଆସିବ। ସାମ୍ବିଧାନିକ ସଂରକ୍ଷଣ ସେତେଯାଏଁ ପ୍ରାସଙ୍ଗିକ ହେବ ଯେତେଯାଏଁ ସାମାଜିକ ସଂରକ୍ଷଣ(ଜାତିବାଦ) ରହିବ। ଏ ଦିଗରେ ବ୍ୟାପକ ବିତର୍କ ହେଉ ଓ ଭେଦଭାବ ରହିତ ସମତାଭିତ୍ତିକ ସମାଜ ପ୍ରତିଷ୍ଠା ଦିଗରେ ପ୍ରୟାସ ଆରମ୍ଭ ହେଉ।

+ ବାରିପଦା, ମୟୂରଭଞ୍ଜ,
ମୋ. ୯୪୩୮୨୪୮୮୫୪

# 'ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ / ଭରତ ତୁଲେ ଚାରି ଜଣ'

## ଡାକ୍ତର ଦିଲ୍ଲୀପ କୁମାର ମହାରଣା



ବ୍ୟାସଦେବକୃତ ସଂସ୍କୃତ ଶ୍ରୀମଦ୍ ଭାଗବତର ନବମ ସ୍କନ୍ଧ, ଦଶମ ଅଧ୍ୟାୟରେ ଶ୍ରୀରାମଚରିତ ବର୍ଣ୍ଣିତ ହୋଇଛଇ। ଏହା ରଘୁବଂଶର ବୃତ୍ତାନ୍ତ। କାରଣ ଶ୍ରୀରାମଙ୍କର ଜନ୍ମ ବିଖ୍ୟାତ ରଘୁବଂଶରେ। ଶ୍ରୀ ଶୁକଦେବ ରାଜା ପରିକ୍ଷିତଙ୍କୁ ଏହି ବୃତ୍ତାନ୍ତ କହିଛନ୍ତି। ତାଙ୍କ ଅନୁସାରେ ଖଟ୍ୱାଙ୍ଗଙ୍କର ପୁତ୍ର ଦୀର୍ଘବାହୁ, ଦୀର୍ଘବାହୁଙ୍କ ପୁତ୍ର ରଘୁ, ରଘୁଙ୍କ ପୁତ୍ର ଅଜ ଏବଂ ଅଜଙ୍କ ପୁତ୍ର ଦଶରଥ। ଏହି ଅଯୋଧ୍ୟାର ରାଜା ଦଶରଥଙ୍କର ପୁତ୍ର ହେଉଛନ୍ତି ଶ୍ରୀରାମ।

ନବମ ସ୍କନ୍ଧ, ଦଶମ ଅଧ୍ୟାୟର ପ୍ରଥମ ଶ୍ଳୋକରେ ଅତି ସଂକ୍ଷେପରେ ଏହି ବଂଶ ବୃତ୍ତାନ୍ତ କହିବା ପରେ, ଦ୍ୱିତୀୟ ଶ୍ଳୋକରେ ଶୁକମୁନି ରାଜା ପରିକ୍ଷିତଙ୍କୁ କହିଛନ୍ତି - 'ଦେବତାଙ୍କର ପ୍ରାର୍ଥନା ଫଳରେ ଭଗବାନ ପୂର୍ଣ୍ଣ ବ୍ରହ୍ମସ୍ୱରୂପ ଶ୍ରୀହରି ନିଜର ଅଂଶାଂଶରେ ଚାରିଟି ରୂପ ଧାରଣ କରି ଦଶରଥଙ୍କର ପୁତ୍ର ରୂପେ ଜନ୍ମକ ଗ୍ରହଣ କଲେ। ଏହି ଚାରିଅଂଶ ହେଲେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ।'

ଅତିବଡ଼ି ଜଗନ୍ନାଥ ଦାସ ସୁନ୍ଦର ଓ ସରଳ ନବାକ୍ଷରୀ ଓଡ଼ିଆରେ ବ୍ୟାସଦେବକୃତ ଏହି ସଂସ୍କୃତ ଶ୍ରୀମଦଭାଗବତର ଅନୁସର୍ଜନା କରିଛନ୍ତି। ଏହା ଓଡ଼ିଆ ଭାଗବତ ଭାବରେ ଅତ୍ୟନ୍ତ ଲୋକପ୍ରିୟ। ଏଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଚାରିଭାଇଙ୍କୁ ଚତୁର୍ଦ୍ଧା ରୂପ ବୋଲି ବର୍ଣ୍ଣନା କରାଯାଇଛି। ଜଗନ୍ନାଥ ଦାସ କହିଛନ୍ତି - ଦେବତାମାନଙ୍କର କାର୍ଯ୍ୟ ନିମନ୍ତେ ଦଶରଥଙ୍କ ଘରେ ସେହି ହରି ଦଶରଥଙ୍କର ସନ୍ତାନ ଭାବରେ ଚତୁର୍ଦ୍ଧା ରୂପରେ ଜନ୍ମ ଗ୍ରହଣ କଲେ। ସେହି ଚତୁର୍ଦ୍ଧାରୂ ହେଉଛି 'ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ / ଭରତ ତୁଲେ ଚାରି ଜଣ।' ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି ।

ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ। ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ପକ୍ଷରେ ତାହା ଆବୃତ୍ତ ହୋଇପାରିନଥିଲା । ପଞ୍ଚସଖା ଯୁଗର ପଣ୍ଡିତ କବି ମହାପୁରୁଷ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ଅନୁବଦା କରି ଅମର ହୋଇ ରହିଯାଇଛନ୍ତି।

+ଶିଖରପୁର ଉପରସାହି, କଟକ

# ଆସୁଛି 'ଗଡଜିଲା ଏଲ୍ ନିନୋ': ଏକାସାଙ୍ଗରେ ମରୁଡ଼ି, ବନ୍ୟା ଓ ଖାଦ୍ୟ ସଙ୍କଟର ସାମ୍ନା କରିବ ଏସିଆ

ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଏବଂ ବିଶେଷ କରି ଏସିଆ ମହାଦେଶ ଏକ ଅଭୂତପୂର୍ବ ତଥା ଭୟାବହ ଜଳବାୟୁ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି । ବିଶ୍ୱ ତାପାୟନ କାରଣରୁ ଏସିଆ ଏବେ ଏକ 'ମହାକାୟ ଏଲ୍ ନିନୋ' ବା ସୁପରସାଇଜଡ୍ ଏଲ୍ ନିନୋର ମୁକାବିଲା କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚଳାଇଛି । ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା ଯେଉଁଥିରେ ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଏବଂ ପୂର୍ବ ଭାଗର ଜଳପତନର ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ବୃଦ୍ଧି ପାଇଥାଏ । କିନ୍ତୁ ଚଳିତ ବର୍ଷ ମାନବକୃତ ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ସବୁଜଗୃହ ବାଷ୍ପ ନିର୍ଗମନ କାରଣରୁ ଏହି ପ୍ରାକୃତିକ ପ୍ରକ୍ରିୟା ଏକ ଅତି ଭୟଙ୍କର ରୂପ ଧାରଣ କରିଛି । ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ନିକଟରେ ଦୃଢ଼ ଚେତାବନୀ ଦେଇଛନ୍ତି ଯେ ଏଲ୍ ନିନୋ ଆମ ଆଖି ସାମ୍ନାରେ ଏକ ବିଶାଳକାୟ ରୂପ ନେଉଛି, ଯାହାକି ସମଗ୍ର ମାନବ ଜାତି ପାଇଁ ଏକ ବଡ଼ ବିପଦ । ଶ୍ରୀଲଙ୍କା ଠାରୁ ଆରମ୍ଭ କରି ଦକ୍ଷିଣ କୋରିଆ ପର୍ଯ୍ୟନ୍ତ ଏସିଆର ବିଭିନ୍ନ ଦେଶ ଏକାସାଙ୍ଗରେ ମରୁଡ଼ି, ବଣନିଆଁ, ଘୂର୍ଣ୍ଣିବଳୟ ଏବଂ ବନ୍ୟା ଭଳି ଏକାଧିକ ସଙ୍କଟର ସାମ୍ନା କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଏସିଆର ବିଭିନ୍ନ ଦେଶ କିପରି ଏହି ବହୁମୁଖୀ ବିପର୍ଯ୍ୟୟର ସାମ୍ନା କରିବାକୁ ପ୍ରସ୍ତୁତ ହେଉଛନ୍ତି ଏବଂ ଏହାର ଅର୍ଥନୈତିକ, ରାଜନୈତିକ ତଥା ସାମାଜିକ ପ୍ରଭାବ କ'ଣ ହେବ, ତାହାର ଏକ ଗଭୀର ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା ନିହାତି ଆବଶ୍ୟକ ।

ବିଶ୍ୱ ପାଣିପାଗ ସଂଗଠନ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଜଳବାୟୁ ଗବେଷଣା ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୬-୨୦୨୭ ର ଏହି ଏଲ୍ ନିନୋ ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ହେବାର ଆଶଙ୍କା ରହିଛି । ପ୍ରଶାନ୍ତ ମହାସାଗରର ତାପମାତ୍ରା ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକ ବୃଦ୍ଧି ପାଇସାରିଲାଣି, ଯାହା ଏହାକୁ ଏକ 'ସୁପର ଏଲ୍ ନିନୋ' ବା 'ଗଡଜିଲା ଏଲ୍ ନିନୋ' ଶ୍ରେଣୀଭୁକ୍ତ କରୁଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ, ଏଲ୍ ନିନୋ ସମୟରେ ସାଧାରଣତଃ ପ୍ରବାହିତ ହେଉଥିବା ବାଣିଜ୍ୟିକ ପବନ ଦୁର୍ବଳ ହୋଇଯାଏ, ଯାହା ଫଳରେ ଉଷ୍ମ ଜଳରାଶି ଏସିଆ ଆଡକୁ ନଆସି ଆମେରିକା ମହାଦେଶ ଆଡକୁ ଗତି କରେ । ଏହାଦ୍ୱାରା ଏସିଆ ମହାଦେଶରେ ବୃଷ୍ଟିପାତର ପରିମାଣ ହ୍ରାସ ପାଇଥାଏ । ସାଧାରଣତଃ ଏଲ୍ ନିନୋ ଦୁଇରୁ ସାତ ବର୍ଷ ବ୍ୟବଧାନରେ ଆସିଥାଏ ଏବଂ ଏହା ନଅରୁ ଅଠର ମାସ ପର୍ଯ୍ୟନ୍ତ ରହିଥାଏ । ମାତ୍ର ବିଶ୍ୱର ହାରାହାରି ତାପମାତ୍ରା ପୂର୍ବ-ଶିଳ୍ପ ଯୁଗ ତୁଳନାରେ ବହୁତ ବୃଦ୍ଧି ପାଇସାରିଥିବାରୁ ଏହି ଏଲ୍ ନିନୋର ପ୍ରଭାବ ଅତ୍ୟନ୍ତ ତୀବ୍ର ହେବ । ଅତୀତରେ ୧୯୯୭-୧୯୯୮ ଏବଂ ୨୦୧୫-୨୦୧୬ ରେ ଆସିଥିବା ସୁପର ଏଲ୍ ନିନୋ ବିଶ୍ୱର ପାଣିପାଗକୁ ବ୍ୟାପକ ଭାବରେ ପ୍ରଭାବିତ କରିଥିଲା, କିନ୍ତୁ ବର୍ତ୍ତମାନର ପରିସ୍ଥିତି ତାହାଠାରୁ ମଧ୍ୟ ଅଧିକ ଭୟାବହ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ପାଣିପାଗର ଏକ ଚରମ ଅବସ୍ଥା ସୃଷ୍ଟି ହେଉଛି, ଯେଉଁଠାରେ ଗୋଟିଏ ପଟେ ଭୟଙ୍କର ଗ୍ରୀଷ୍ମପ୍ରବାହ ଓ ମରୁଡ଼ି ଦେଖାଦେଉଛି ତ ଅନ୍ୟ ପଟେ ଅଦିନିଆ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତି ଉପୁଜୁଛି ।

ଏହି ମହାକାୟ ଏଲ୍ ନିନୋର ସବୁଠାରୁ ବଡ଼ ପ୍ରଭାବ କୃଷି କ୍ଷେତ୍ର ଏବଂ ଖାଦ୍ୟ ନିରାପତ୍ତା ଉପରେ ପଡ଼ିବାକୁ ଯାଉଛି । ଏସିଆ ହେଉଛି ବିଶ୍ୱର ସର୍ବାଧିକ ଧାନ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଶସ୍ୟ ଉତ୍ପାଦନକାରୀ ଅଞ୍ଚଳ । ଏଲ୍ ନିନୋ ସାଧାରଣତଃ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ବୃଷ୍ଟିପାତର ପରିମାଣକୁ ହ୍ରାସ କରିଥାଏ । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ଚେତାବନୀ ଅନୁଯାୟୀ, ଏହି ଅତ୍ୟଧିକ ତୀବ୍ର ପାଣିପାଗ ପ୍ରଣାଳୀ ଯୋଗୁଁ ପ୍ରାୟ ୪.୯ କୋଟି ଅଧିକ ଲୋକ ତୀବ୍ର ଖାଦ୍ୟାଭାବ ବା ଭୋକିଲା ଅବସ୍ଥାକୁ ଠେଲି ହୋଇଯିବାର ଆଶଙ୍କା ରହିଛି । ଗୋଲ୍ଡମ୍ୟାନ୍ ସାକ୍ସର ଏକ ଆକଳନ ଅନୁଯାୟୀ, ଏହି ପରିସ୍ଥିତି କାରଣରୁ ଅନ୍ତର୍ଜାତୀୟ ଖାଦ୍ୟ ମୂଲ୍ୟ ପ୍ରାୟ ୧୬ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଭାରତରେ ମୌସୁମୀ ବର୍ଷା ଉପରେ କୃଷି ବହୁଳ ଭାବରେ ନିର୍ଭରଶୀଳ ଥିବାବେଳେ ଏଲ୍ ନିନୋ କାରଣରୁ ମୌସୁମୀ ଦୁର୍ବଳ ହେବାର ସମ୍ଭାବନା ରହିଛି, ଯାହା ଫସଲ ଅମଳକୁ ବହୁମାତ୍ରାରେ ପ୍ରଭାବିତ କରିବ । ସେହିପରି ଇଣ୍ଡୋନେସିଆରେ ବର୍ଷା ଅଭାବରୁ ଧାନ ଏବଂ ପାମ୍ ଅଏଲ୍ ଉତ୍ପାଦନ ବ୍ୟାପକ ମାତ୍ରାରେ ହ୍ରାସ ପାଇବାର ଆକଳନ କରାଯାଇଛି । ଥାଇଲ୍ୟାଣ୍ଡ ଏବଂ ଭିଏତନାମରେ ମଧ୍ୟ ଜଳାଭାବ ଏବଂ ଜଳସେଚନ ସମସ୍ୟା ଯୋଗୁଁ କୃଷକମାନେ ଚାଷ କମାଇବାକୁ ବାଧ୍ୟ ହେଉଛନ୍ତି । ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାରେ ବାଧା ଏବଂ ସାରର ମୂଲ୍ୟ ବୃଦ୍ଧି ପରିସ୍ଥିତିକୁ ଆହୁରି ଜଟିଳ କରୁଛି ।

ଖାଦ୍ୟ ନିରାପତ୍ତାର ଅଭାବ କେବଳ ଏକ ଅର୍ଥନୈତିକ ସମସ୍ୟା ନୁହେଁ, ବରଂ ଏହା ଏକ ବଡ଼ ରାଜନୈତିକ ଏବଂ ସାମାଜିକ ସଙ୍କଟର ରୂପ ନେବାର ଆଶଙ୍କା ରହିଛି । ଭେରିସ୍କ ମ୍ୟାପଲକ୍ରଫ୍ଟ ନାମକ ଏକ ବିପଦ ଆକଳନକାରୀ ସଂସ୍ଥାର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଏଲ୍ ନିନୋ କାରଣରୁ ଏସିଆର ଅନେକ ଦେଶରେ ଖାଦ୍ୟ ଅସୁରକ୍ଷିତତା ବୃଦ୍ଧି ପାଇବ ଯାହା ସିଧାସଳଖ ଭାବରେ ନାଗରିକ ଅଶାନ୍ତି ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି କରିପାରେ । ଭାରତ, ଇଣ୍ଡୋନେସିଆ, ଫିଲିପାଇନ୍ସ, ପାକିସ୍ତାନ ଏବଂ ବାଂଲାଦେଶ ଭଳି ଦେଶଗୁଡ଼ିକ ଏହି ବିପଦର ସର୍ବୋଚ୍ଚ ଶ୍ରେଣୀରେ ରହିଛନ୍ତି । ଯେତେବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୁଏ ଏବଂ ସାଧାରଣ ଲୋକଙ୍କର କ୍ରୟ କ୍ଷମତା ବାହାରକୁ ଚାଲିଯାଏ, ସେତେବେଳେ ସରକାରଙ୍କ ବିରୋଧରେ ଜନଅସନ୍ତୋଷ ତୀବ୍ର ରୂପ ଧାରଣ କରେ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଯୁଦ୍ଧ ଏବଂ ଭୌଗୋଳିକ ରାଜନୈତିକ ତିକ୍ତତା କାରଣରୁ ପୂର୍ବରୁ ହିଁ ଇନ୍ଧନ ଏବଂ ସାରର ଯୋଗାଣ ବାଧାପ୍ରାପ୍ତ ହୋଇଛି । ଏହି ପରିସ୍ଥିତିରେ ଏଲ୍ ନିନୋର ପ୍ରହାର ଏକ 'ପରଫେକ୍ଟ ଷ୍ଟର୍ମ' ବା ପୂର୍ଣ୍ଣାଙ୍ଗ ବିପର୍ଯ୍ୟୟ ସୃଷ୍ଟି କରୁଛି ଯାହା ଏସିଆର ସାମାଜିକ ସ୍ଥିରତାକୁ ଦୋହଲାଇ ଦେଇପାରେ ।

କେବଳ କୃଷି ଏବଂ ରାଜନୀତି ନୁହେଁ, ବରଂ ସମଗ୍ର ଅର୍ଥନୀତି ଏବଂ ଭିତ୍ତିଭୂମି ଉପରେ ଏହି ଅତିବିଶାଳ ଏଲ୍ ନିନୋର ବ୍ୟାପକ ପ୍ରଭାବ ପଡ଼ିବ । ଉଦାହରଣସ୍ୱରୂପ, ଚୀନର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିଛି ଏବଂ ଅନ୍ୟ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଅତ୍ୟଧିକ ଉତ୍ତାପ କାରଣରୁ ଶ୍ରମିକମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଉଛି, ଯନ୍ତ୍ରପାତି ଖରାପ ହେଉଛି ଏବଂ ଶକ୍ତି ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଉଛି । ଅତୀତରେ ଆସିଥିବା ସୁପର ଏଲ୍ ନିନୋ ଗୁଡ଼ିକ ବିଶ୍ୱ ଅର୍ଥନୀତିରେ ଟ୍ରିଲିୟନ ଟ୍ରିଲିୟନ ଡଲାରର କ୍ଷତି ଘଟାଇଛନ୍ତି । ୨୦୨୬-୨୦୨୭ ର ଏହି ଘଟଣାଟି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିବାର ସମ୍ଭାବନା ଥିବାରୁ, ଏହା ଏସିଆର ବିକାଶଶୀଳ ଦେଶଗୁଡ଼ିକର ଅର୍ଥନୈତିକ ଅଭିବୃଦ୍ଧିକୁ ବହୁ ବର୍ଷ ପଛକୁ ଠେଲିଦେଇପାରେ । ଏହାଛଡ଼ା, ନଦୀ ଏବଂ ଜଳଭଣ୍ଡାର ଗୁଡ଼ିକର ଜଳସ୍ତର ହ୍ରାସ ପାଇବା ଫଳରେ ଜଳବିଦ୍ୟୁତ୍ ଉତ୍ପାଦନ ଗୁରୁତର ଭାବରେ ବାଧାପ୍ରାପ୍ତ ହେଉଛି, ଯାହା ଶିଳ୍ପ କାରଖାନା ଗୁଡ଼ିକ ପାଇଁ ଶକ୍ତି ସଙ୍କଟ ସୃଷ୍ଟି କରୁଛି । ବିଶେଷକରି ଲାଓସ୍, କାମ୍ବୋଡିଆ ଏବଂ ଭିଏତନାମ ଭଳି ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡ଼ିକରେ ଏହି ସଙ୍କଟ ଏକ ଭୟାବହ ରୂପ ନେଉଛି ଯେଉଁଠାରେ ଶକ୍ତି ଉତ୍ପାଦନ ମୁଖ୍ୟତଃ ଜଳବିଦ୍ୟୁତ୍ ଉପରେ ନିର୍ଭରଶୀଳ । ଜଳ ଅଭାବରୁ ଏହି ଦେଶଗୁଡ଼ିକ ବାଧ୍ୟ ହୋଇ ପୁଣିଥରେ କୋଇଲା ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରୁଛନ୍ତି, ଯାହା ସବୁଜ ଶକ୍ତି ଅଭିଯାନକୁ ଏକ ବଡ଼ ଧକ୍କା ଦେଉଛି ଏବଂ ପରିବେଶ ପ୍ରଦୂଷଣକୁ ଆହୁରି ବଢ଼ାଉଛି ।

ଏଲ୍ ନିନୋ ଏବଂ ବିଶ୍ୱ ତାପାୟନର ଏହି ମିଳିତ ପ୍ରଭାବ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସଙ୍କଟ ମଧ୍ୟ ସୃଷ୍ଟି କରୁଛି ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଅନ୍ୟ ଯେକୌଣସି ପାଣିପାଗ ଜନିତ ବିପର୍ଯ୍ୟୟ ତୁଳନାରେ ଉତ୍ତାପ ଲହରୀ ବା ହିଟୱେଭ୍ କାରଣରୁ ସର୍ବାଧିକ ଲୋକଙ୍କର ମୃତ୍ୟୁ ଘଟିଥାଏ । ବର୍ଦ୍ଧିତ ତାପମାତ୍ରା ଯୋଗୁଁ ହିଟଷ୍ଟ୍ରୋକ୍, ଡିହାଇଡ୍ରେସନ୍ ଏବଂ ହୃଦରୋଗ ଜନିତ ସମସ୍ୟା ବହୁଗୁଣିତ ହେଉଛି । ବିଶେଷ କରି ଶିଶୁ, ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ଖରାରେ କାମ କରୁଥିବା ଶ୍ରମିକମାନେ ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଛନ୍ତି । ଅନ୍ୟପକ୍ଷରେ, ଇଣ୍ଡୋନେସିଆ ଭଳି ଦେଶରେ ମରୁଡ଼ି କାରଣରୁ ଜଙ୍ଗଲରେ ଲାଗୁଥିବା ନିଆଁରୁ ନିର୍ଗତ ବିଷାକ୍ତ ଧୂଆଁ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ବାୟୁ ପ୍ରଦୂଷଣର ମାତ୍ରାକୁ ଭୟଙ୍କର ଭାବରେ ବଢ଼ାଇ ଦେଇଛି । ମାଲେସିଆ ଏବଂ ସିଙ୍ଗାପୁର ଭଳି ପଡ଼ୋଶୀ ଦେଶଗୁଡ଼ିକରେ ଏହି ଧୂଆଁ ଯୋଗୁଁ ଶ୍ୱାସକ୍ରିୟା ଜନିତ ରୋଗ ବ୍ୟାପିବାରେ ଲାଗିଛି । ଜଳାଭାବ କାରଣରୁ ବିଶୁଦ୍ଧ ପାନୀୟ ଜଳର ଘୋର ଅଭାବ ଦେଖାଦେଉଛି, ଯାହା ଫଳରେ ଝାଡ଼ାବାନ୍ତି, ଡେଙ୍ଗୁ, ମ୍ୟାଲେରିଆ ଏବଂ ଅନ୍ୟାନ୍ୟ ଜଳବାହିତ ରୋଗ ସଂକ୍ରମଣର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି ।

ଏହି ଭୟାବହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିଆର ବିଭିନ୍ନ ଦେଶର ସରକାରମାନେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ହଂକଂ ଏବଂ ଦକ୍ଷିଣ କୋରିଆ ଭଳି ଦେଶଗୁଡ଼ିକରେ ସର୍ବକାଳୀନ ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରାଯିବା ପରେ ସେଠାକାର ପ୍ରଶାସନ କର୍ମକ୍ଷେତ୍ରର ନିୟମାବଳୀରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି । ଅତ୍ୟଧିକ ଗରମ ସମୟରେ କର୍ମଚାରୀମାନଙ୍କୁ ବିଶ୍ରାମ ଦେବା, କୁଲିଂ ଯନ୍ତ୍ରପାତି ଯୋଗାଇଦେବା ଏବଂ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ପାଇଁ କମ୍ପାନୀଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଚୀନରେ ଚରମ ପାଣିପାଗର ମୁକାବିଲା କରିବା ଏବଂ ଫସଲକୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି, ଯେଉଁଥିରେ 'ଜଳବାୟୁ ବିପଦ ମାନଚିତ୍ର'ର ବ୍ୟବହାର କରାଯାଉଛି ଯାହାଦ୍ୱାରା କେଉଁ ଅଞ୍ଚଳ ଅଧିକ ବିପଦରେ ଅଛି ତାହା ଚିହ୍ନଟ କରାଯାଇପାରିବ । ଭାରତରେ ମଧ୍ୟ ସରକାର ଖାଦ୍ୟଶସ୍ୟର ବଫର୍ ଷ୍ଟକ୍ ରଖିବା ସହିତ ରପ୍ତାନି ଉପରେ କଟକଣା ଲଗାଇ ଆଭ୍ୟନ୍ତରୀଣ ବଜାରରେ ମୂଲ୍ୟ ନିୟନ୍ତ୍ରଣ କରିବାକୁ ପ୍ରୟାସ କରୁଛନ୍ତି ଏବଂ ଜଳସେଚନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରୁଛନ୍ତି । ତଥାପି, ଏହି ବିପଦର ମାତ୍ରା ଏତେ ବିଶାଳ ଯେ କେବଳ ପାରମ୍ପରିକ ବିପର୍ଯ୍ୟୟ ପରିଚାଳନା ପଦ୍ଧତି ଏହାର ମୁକାବିଲା ପାଇଁ ଯଥେଷ୍ଟ ନୁହେଁ । ଏଥିପାଇଁ ଉନ୍ନତ ଜ୍ଞାନକୌଶଳ ଆଧାରିତ ପୂର୍ବାନୁମାନ ବ୍ୟବସ୍ଥା, ସଠିକ୍ ତଥ୍ୟ ସଂଗ୍ରହ ଏବଂ ତୃଣମୂଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମର ନିହାତି ଆବଶ୍ୟକତା ରହିଛି । ସରକାରମାନେ କେବଳ ବିପର୍ଯ୍ୟୟ ଘଟିବା ପରେ ରିଲିଫ୍ ବାଣ୍ଟିବା ପରିବର୍ତ୍ତେ ବିପର୍ଯ୍ୟୟ ପୂର୍ବରୁ ଆଗୁଆ ପଦକ୍ଷେପ ବା ଆଣ୍ଟିସିପେଟୋରୀ ଆକ୍ସନ୍ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

ପରିଶେଷରେ ଏହା କୁହାଯାଇପାରେ ଯେ, ୨୦୨୬ ମସିହାର ଏହି ମହାକାୟ ଏଲ୍ ନିନୋ ଏସିଆ ତଥା ସମଗ୍ର ବିଶ୍ୱ ପାଇଁ ଏକ କଠୋର ସତର୍କ ଘଣ୍ଟି । ଏହା ସ୍ପଷ୍ଟ ଭାବରେ ପ୍ରମାଣିତ କରୁଛି ଯେ ଜଳବାୟୁ ପରିବର୍ତ୍ତନ ଆଉ ଭବିଷ୍ୟତର କୌଣସି ଆଶଙ୍କା ନୁହେଁ, ବରଂ ଏହା ଆମର ବର୍ତ୍ତମାନର ଏକ ନିଷ୍ଠୁର ବାସ୍ତବତା ପାଲଟିଯାଇଛି । ଯଦିଓ ଏସିଆର ଦେଶଗୁଡ଼ିକ ଏହି ଆସନ୍ନ ବିପଦର ମୁକାବିଲା ପାଇଁ ନିଜ ସ୍ତରରେ ପ୍ରସ୍ତୁତି କରୁଛନ୍ତି, ତଥାପି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବିଶ୍ୱସ୍ତରୀୟ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି । କେବଳ ସ୍ୱଳ୍ପମିଆଦୀ ପଦକ୍ଷେପ ଯେପରିକି ଫସଲ ଢାଞ୍ଚାରେ ପରିବର୍ତ୍ତନ କିମ୍ବା କର୍ମକ୍ଷେତ୍ରର ନିୟମ ବଦଳାଇଦେଲେ ଏହି ବିଶାଳ ସଙ୍କଟକୁ ସମ୍ପୂର୍ଣ୍ଣ ରୂପେ ଏଡାଇ ଦିଆଯାଇପାରିବ ନାହିଁ । ଏଥିପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରିବା, ସବୁଜଗୃହ ବାଷ୍ପ ନିର୍ଗମନକୁ ଦ୍ରୁତ ଗତିରେ କମାଇବା ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଉପରେ ଅଧିକ ନିର୍ଭର କରିବା ଛଡ଼ା ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଉନ୍ନତ ରାଷ୍ଟ୍ରଗୁଡ଼ିକ ବିକାଶଶୀଳ ଦେଶମାନଙ୍କୁ ଜଳବାୟୁ ଅର୍ଥ ପ୍ରଦାନ କରିବା ଏବଂ ଜ୍ଞାନକୌଶଳ ହସ୍ତାନ୍ତର କରିବାରେ ଆଗେଇ ଆସିବା ଉଚିତ୍ ଯାହାଦ୍ୱାରା ସେମାନେ ଏହି ବିପର୍ଯ୍ୟୟର ସଫଳ ମୁକାବିଲା କରିପାରିବେ । ଯଦି ଆମେ ଏବେ ମଧ୍ୟ ଆଖି ବୁଜିଦେବା ଏବଂ କେବଳ ଦର୍ଶକ ସାଜି ରହିବା, ତେବେ ମାନବ ସଭ୍ୟତା ଏକ ଅପୂରଣୀୟ କ୍ଷତିର ସମ୍ମୁଖୀନ ହେବ । ପ୍ରକୃତିର ଏହି ଭୟଙ୍କର ରୂପ ଆମକୁ ବାଧ୍ୟ କରୁଛି ଯେ ଆମେ ଆମର ବିକାଶର ମଡେଲକୁ ପୁନର୍ବିଚାର କରୁ ଏବଂ ପରିବେଶ ସହିତ ତାଳ ମିଳାଇ ବଞ୍ଚିବାର କଳା ଶିଖୁ, ଅନ୍ୟଥା ଆଗାମୀ ଦିନରେ ଏଲ୍ ନିନୋ ଭଳି ପ୍ରାକୃତିକ ପ୍ରକ୍ରିୟା ଆମ ଅସ୍ତିତ୍ୱ ପାଇଁ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବ ।



# ଗଭୀର ଅବପାତ, ବର୍ଷା ଓ ଶିଶୁ ସ୍ୱାସ୍ଥ୍ୟ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ଷା ଆରମ୍ଭ ଭିତରେ ମଝିରେ ମଝିରେ ପବନ ଟିକିଏ ଟିକିଏ ବଢୁଛି । ପାଣିପାଗ ଗଭୀର ଅବପାତର ସୂଚନା ଦେବା ସହ ବାତ୍ୟା ସମ୍ଭାବନା ନାହିଁ ବୋଲି ଜଣାଇଛନ୍ତି । ଚଳିତ ଅବପାତର ନାମ ରହିଛି 'ଅର୍ଣ୍ଣବ' । ତେବେ ଏହି ଗଭୀର ବର୍ଷା ସମୟରେ ବିଶେଷକରି ପରବର୍ତ୍ତୀ ସମୟରେ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଅନେକାଂଶରେ ଅସୁସ୍ଥ ରହିଥାଏ । ଋତୁକାଳୀନ ଭାବେ ଏପରି ଗଭୀର ଅବପାତ ବା ଲଗାଣ ବର୍ଷା ସମୟରେ ପିଲାମାନେ ଅନେକ ରୋଗକୁ ସାମ୍ନା କରିଥାନ୍ତି । ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ । ଏହାଫଳରେ ଶରୀର ମଧ୍ୟରୁ ନିଷ୍କାସିତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରି ପାରେନାହିଁ । ଏହା ବାଷ୍ପୀଭୂତ ନହେବା ଫଳରେ ଶରୀରର ଶୀତଳ ହୁଏନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ ଏହାକୁ ଗୁଳୁଗୁଳି କୁହାଯାଏ । ଏହାଫଳରେ ଅନେକ ଚର୍ମରୋଗ ଦେଖାଯାଏ । ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ କୀଟ, ପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ବୃଦ୍ଧି ପାଏ, ଏହା ପ୍ରଜନନ ଋତୁ । ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ ।

ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳ, ନର୍ଦ୍ଦମା ସବୁକୁ ଏକାକାର କରିଦିଏ । ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ । ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ବିଲରେ ଜଳ ପ୍ରବେଶ ଫଳରେ ସେମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି । ଓ ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ । ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା । ଦୁର୍ବଳ ଗୃହ ଭୁଷୁଡ଼ି ପଡ଼ିବା, ଜଳରେ ସଲିଳ ସମାଧି ନେବା, ଅନେକ ଦୁର୍ଦ୍ଦଶା ଦେଖାଯାଏ । ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ । ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ । ସେମାନଙ୍କ ମଧ୍ୟରୁ 'ରାଇନୋଭାଇରସ୍' ପ୍ରଧାନ । 'ଇନ୍‌ଫ୍ଲୁଏଞ୍ଜା ଭାଇରସ୍' ମଧ୍ୟ ଏହି ସମୟରେ ଦେଖାଯାଇଥାଏ । ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ ।

ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ । ଥଣ୍ଡା ପରେ ଶ୍ୱାସ, କାନପଚା, ନିମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ । ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଣ୍ଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ୍ୟ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ । ରୋଗ ସଂକ୍ରମଣର ୧୬ଘଣ୍ଟା ପରେ ଦେହ ହାତ ବିନ୍ଧା ହୋଇଥାଏ । ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ । ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ । ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ । ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ । ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ । ଭିଟାମିନ 'ସି'ର ବିଶେଷ ଭାବରେ ଉପକାରୀ । ଆଣ୍ଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ । ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ । ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ ।

ପ୍ରତିଷେଧକ ହେଉଛି : ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ । ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ । ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ । ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ । ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ । ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ । ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ ।

ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର । ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ । ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ । ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ । ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ । ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ । ବର୍ଷାକୁ ନେଇ, କିମ୍ବା କୌଣସି ଅବପାତକୁ ନେଇ ଗୁଜବକୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରଚାର ପ୍ରସାର କରନ୍ତୁ ନାହିଁ । ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହୁଅନ୍ତୁ ।

+ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର

# ଜୀବନର ଅଭିନୟ

ଦୁଷ୍ମନ୍ତ କୁମାର ସାହୁ

ସମାଜରେ ଆମେ ବହୁ ପ୍ରକାର ମନୁଷ୍ୟଙ୍କୁ ଦେଖୁ । ସେମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଆମ ମନ ମିଶେ ତ ଆଉ କେତେକଙ୍କ ସହିତ ଆମ ମନ ମିଶେନାହିଁ । ଆମର ଶତ୍ରୁତା ହୋଇଥାଏ ମନ ନ ମିଶୁଥିବା ଲୋକଟି ସହିତ, ହୁଏତ ସେ ଆମର ମିତ୍ରତା ଅଥବା ସମ୍ପର୍କ ଚାହିଁ ପାରୁ ନଥାଏ ! ଆଉ ଯେଉଁମାନଙ୍କ ସହିତ ମନ ଫାଟିଯାଏ, ଘୃଣା ଏବଂ ଅସୂୟା ସ୍ୱଭାବିକ ଭାବେ ତିଆରି ହୋଇଯାଏ । ଏପରି ଜୀବନ ଆଜିର ସମାଜରେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି । ତେବେ ମୂଳକଥାକୁ ଟିକିଏ ଭାବନ୍ତୁ ନା ବାସ୍ତବରେ ମଣିଷ ଭିତରେ ଏପରି ଭାବନା କାହିଁକି ଆସିଥାଏ ? ମନ ମେଳ ନ ହେବା ବା ନ ମିଶିବାର କାରଣ କ'ଣ ? ଆମ୍ଭେମାନେ ଅନେକ ସମୟରେ ଦୃଢ଼ ଓ ଦମ୍ଭ ସାମର୍ଥ୍ୟ ଦେଖାଉଥାଉ ଯେ ଆମେ ଅନେକ ଅସାଧ ସାଧନ କରିପାରିଛୁ । କିନ୍ତୁ ଆମ୍ଭେମାନେ ମୂଳ ଲକ୍ଷ୍ୟ ଠାରୁ ଯେ ଦୂରେଇ ଯାଇ ଆମ୍ଭ ମାନଙ୍କର ଇନ୍ଦ୍ରିୟମାନଙ୍କୁ ସଂଯମ କରିବାରେ ବିଫଳ ହୋଇଥାଉ ଏବଂ ଏହାକୁ ଲୁଚାଇବାକୁ ଚେଷ୍ଟା କରୁ । ମନଟି ଅତ୍ୟନ୍ତ ଚଗଲା, ମନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସିପାରିବ ଯଦିଓ ଏହା ବଡ଼ ଆୟାସସାଧ । (ଶ୍ରୀମଦ୍ ଭାଗବତ ଗୀତା - ୬/୩୪,୩୫)

ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କର ଦିବ୍ୟ ସମ୍ଭାଷଣରେ ମଣିଷର ତିନୋଟି ରୂପକଥା ବ୍ୟାଖ୍ୟା କରିଛନ୍ତି । ସେହିଭଳି ସଂସାରକୁ ଆମେ ଯେତେବେଳେ ଦେଖୁଛେ ସାଧାରଣତଃ ମଣିଷମାନେ ହେଉଛନ୍ତି ତିନି ପ୍ରକାରର ବୋଲି ଉପଲବ୍ଧି ହୁଏ । ଏହା ନିଃସନ୍ଦେହ ଯେ ମଣିଷ ସମଜାତୀୟ ମଣିଷକୁ ହିଁ ଭଲ ପାଇଥାଏ । ଦର୍ଶନଶାସ୍ତ୍ର ଅନୁସାରେ ପ୍ରଥମ ଶ୍ରେଣୀର ମଣିଷଟି ହେଉଛି ପଶୁଜୀବନଧାରୀ । କିନ୍ତୁ ଜୀବନରେ ନୀତି, ନୈତିକତା, ଆଦର୍ଶ ଶୃଙ୍ଖଳାକୁ ଭଲ ଭାବରେ ଧରିଥିବା ମଣିଷ ହେଉଛନ୍ତି ଦ୍ୱିତୀୟ ଶ୍ରେଣୀର । ଯୋଗ, ଯଜ୍ଞ, ସାଧନାର ଉଚ୍ଚସ୍ତର ସ୍ଥାନରେ ପହଞ୍ଚି ଯାଇଥିବା ମନୁଷ୍ୟମାନେ ହେଉଛନ୍ତି ତୃତୀୟ ଶ୍ରେଣୀର । ଆମେ ଉଲ୍ଲେଖ କରିଥିବା ପ୍ରଥମ ଶ୍ରେଣୀର ମଣିଷମାନେ ଯେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ତାହା ନୁହେଁ; ସେମାନେ ଆଖିଠାରୀ ଈଶ୍ୱର ବିଶ୍ୱାସ କରନ୍ତି । ସେମାନେ ସର୍ବଦା ନିଜର ସ୍ୱାର୍ଥ ସାଧନ ଦିଗକୁ ଦେଖିଥାନ୍ତି । ପଶୁର ସ୍ୱଭାବ ଓ ପ୍ରବୃତ୍ତି ଯେପରି ସ୍ୱାର୍ଥ ଓ ଶ୍ରେଷ୍ଠ ହୋଇଥାଏ, ସେହିପରି ଏହି ମଣିଷମାନେ ଆଚରଣ କରିଥାନ୍ତି ।

ବର୍ତ୍ତମାନର ସାଧାରଣ ମଣିଷର ଜୀବନଟିକୁ ଭଲ ଭାବେ ଦେଖନ୍ତୁ । ମଣିଷ ଭାବେ ଜନ୍ମ ହୋଇ ମଧ୍ୟ ପଶୁ ଜାତି ପରି କାର୍ଯ୍ୟସବୁ କରୁଛି । କେତେକ କ୍ଷେତ୍ରରେ ଦେଖାଯାଉଛି କିଛି ମଣିଷଙ୍କ କାର୍ଯ୍ୟ ବଣୁଆ ହାତୀ ପରି ଖାଇପିଇ, ଧସ୍ତାଧସ୍ତି ହୋଇ, ଦୌଡ଼ ଧପଡ଼ କରି ଆରଣ୍ୟକ ଜୀବନ ଯାପନ ସମ୍ପାଦନ କରୁଛି । କିନ୍ତୁ ସେ ପଶୁରାଜ ସିଂହ ସଦୃଶ ନିର୍ଭୟ ଓ ଅପରାଜେୟ ପ୍ରଭୁ ପରି ନିଜର ଯଶ ପ୍ରଚାର କରି ପାରୁନାହିଁ । ଅପରପକ୍ଷରେ ସେ ଆତ୍ମବଳରେ ବଳୀୟାନ୍ ହୋଇ ଭୟଶୂନ୍ୟ ଭାବରେ ବିହାର କରିବା ଉଚିତ ।

ଈଶ୍ୱରଙ୍କ ସେବା ଓ ପୂଜାକୁ ପଛରେ ପକାଇ ସଂସାରର ବିଷୟ ଭୋଗରେ ମାତି ଯାଆନ୍ତି ଏମାନେ । ପଶୁଜୀବନଧାରୀ ମନୁଷ୍ୟମାନଙ୍କର ଶେଷ ଗତି ହେଉଛି ନର୍କ । ଏମାନେ ଜୀବନର ଅନ୍ତଃକାଳରେ ନର୍କଯନ୍ତ୍ରଣା ହିଁ ଭୋଗିଥାଆନ୍ତି । ଏହି ପଶୁ ଜୀବନ ଜିଉଁଥିବା ମଣିଷ କେବଳ ଅର୍ଥ ଏବଂ ସ୍ୱାର୍ଥ ପଛରେ ହିଁ ଦୌଡ଼ିଥାଏ । ସେ ଯେତେବେଳେ ବୟସର ସନ୍ଧ୍ୟାକାଳରେ ପହଞ୍ଚିଯାଏ ତା'ର ଜୀବନଟି ହୋଇଯାଏ ଏକାନ୍ତ । କାହାରି ସାହଚର୍ଯ୍ୟ ବା ସହାୟତା ଏବଂ ସ୍ନେହ ଆଦୌ ମିଳିନଥାଏ ତାକୁ । କିନ୍ତୁ ଦ୍ୱିତୀୟ ପ୍ରକାରର ନୈତିକ ମାନବୀୟ ମୂଲ୍ୟବୋଧକୁ ଜୀବନର ଧର୍ମ ଓ କର୍ମଭାବରେ ଗ୍ରହଣ କରିଥାନ୍ତି ଯେଉଁମାନେ, ସେମାନେ ଈଶ୍ୱର ଭାବସମ୍ପନ୍ନ । ନୈତିକ ଚିନ୍ତନ ସହ ଜନମଙ୍ଗଳ କାର୍ଯ୍ୟ ପାଇଁ ସେମାନଙ୍କର ସବୁବେଳେ ସଯତ୍ନ ଓ ଦାୟିତ୍ୱ ରହିଥାଏ । ସେମାନେ ନିଜେ ସର୍ବନିମ୍ନ ସୁଖରେ ରହି ଅନ୍ୟମାନଙ୍କୁ ନିଜ ସୁଖରେ ସାମିଲ କରିଥାନ୍ତି । ଏହି ନୀତି ନୈତିକତାର ମନୁଷ୍ୟ ସମାଜର ସର୍ବାଙ୍ଗୀନ ମଙ୍ଗଳ ଇଚ୍ଛା କରିଥାଏ । ସଂସାରରୁ ସୁଖ ଖୋଜିବା, ଏହି ସୁଖକୁ ପୁଣି ଈଶ୍ୱରଙ୍କ ଦ୍ୱାରା ପ୍ରାପ୍ତ ହେଉଛି ବୋଲି ଜାଣିବା ଏବଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଷୟରୁ ସୁଖ ସଂଗ୍ରହକରିବା ଉଦ୍ଦେଶ୍ୟରେ ଏହି ଲୋକମାନେ ପୂଜାର୍ଚ୍ଚନା କରିଥାଆନ୍ତି । ଅନ୍ତିମ ସମୟରେ ଏମାନଙ୍କୁ ସ୍ୱର୍ଗସୁଖ ପ୍ରାପ୍ତି ହୁଏ । ପୁଣ୍ୟ ଶେଷ ହେଲେ ପୁନର୍ବାର ଫେରିଆସନ୍ତି ମାତୃଗର୍ଭକୁ ।

କିନ୍ତୁ ତୃତୀୟ ଶ୍ରେଣୀର ମନୁଷ୍ୟ ଜୀବନ ସର୍ବୋତ୍କୃଷ୍ଟ । ସେମାନେ ଏକ ପ୍ରକାର ସଂସାରରେ ଥାଇ ମଧ୍ୟ ଯୋଗୀ ଜୀବନ ନିର୍ବାହ କରିଥାନ୍ତି । ପ୍ରଚଣ୍ଡ ଈଶ୍ୱର ବିଶ୍ୱାସ, ଧର୍ମଶାସ୍ତ୍ର ଅନୁଗାମୀ, ଆସନ ପ୍ରାଣାୟମ, ଯୋଗ ସାଧନା ଦ୍ୱାରା କାମନାକୁ ସୀମାଙ୍କନ କରି ସେମାନେ ଇନ୍ଦ୍ରିୟମାନଙ୍କୁ ଦମନ କରିପାରିଥାନ୍ତି । ସେମାନେ ନାଁ ସୁଖରେ ନାଁ ଦୁଃଖରେ, କାତର ଅବା ଅଧୀର ଆଦୌ ହୁଅନ୍ତି ନାହିଁ । ସେମାନଙ୍କର ପ୍ରତିଟି ଚିନ୍ତନ ହେଉଛି ନିଜର ଇଷ୍ଟଦେବ ବା ପରମ ପୁରୁଷଙ୍କ ପାଦପଦ୍ମ ପ୍ରାପ୍ତି । ଏହିଭଳି ଆଧ୍ୟାତ୍ମିକ ଜଗତର ସର୍ବଶ୍ରେଷ୍ଠ ଶୀର୍ଷରେ ପହଞ୍ଚିଥିବା ବ୍ୟକ୍ତିମାନଙ୍କୁ ସମସ୍ତେ 'ମହାମାନବ', 'ମହାପୁରୁଷ' ଭାବେ ପୂଜିତ ଓ ଅଭିହିତ କରିଥାନ୍ତି ।

ଏମାନେ ଆଜ୍ଞା ଚକ୍ରରେ ମନ-ପବନ ଓ ଚିତ୍ତକୁ ସ୍ଥିରକରି ସ୍ଥିତପ୍ରଜ୍ଞ ହୋଇଯାଆନ୍ତି । ସ୍ଥୂଳତଃ ଏମାନେ ପ୍ରତ୍ୟକ୍ଷରେ ଜଗତର କଲ୍ୟାଣ କଲାପରି ଜଣା ନଗଲେ ମଧ୍ୟ ଏହି ଯୋଗଜୀବନଧାରୀ ମନୁଷ୍ୟମାନଙ୍କର ଦୈବୀ ପ୍ରଭାବ ସୂକ୍ଷ୍ମ ଭାବରେ ପରୋକ୍ଷରେ ପଡ଼ିଥାଏ । ଜୀବନକୁ ଆନନ୍ଦମୟ, ଅନ୍ୟମାନଙ୍କ ପାଇଁ ପ୍ରେରଣୀୟ ଓ ପୂଜ୍ୟ ହୋଇଥିବା ଏହି ବର୍ଗର ଯୋଗୀ ଜୀବନଧାରୀମାନେ ପରମାତ୍ମାଙ୍କ ସହିତ ବିଲୀନ ହୋଇଯାଆନ୍ତି । ଦେହ ବନ୍ଧନରୁ ସେମାନେ ମୁକ୍ତ ହୋଇଥାଆନ୍ତି । ସେମାନଙ୍କର ପୁର୍ନଜନ୍ମ ଯାହା ଜନ୍ମମୃତ୍ୟୁର ଚକ୍ର ଭାବେ ବୁଝାଇଥାଏ ତାହା ସେମାନଙ୍କୁ ଭୋଗ କରିବାକୁ ପଡ଼ିନଥାଏ । ସେମାନେ ଅମୃତ ପୁରୁଷ ହୋଇଯାଆନ୍ତି ଯୁଗ ଯୁଗ ପାଇଁ ।

+ପୁରୀ

# ରାଷ୍ଟ୍ରକବି ରାମଧାରୀ ସିଂହ 'ଦିନକର'



ଡ଼ଃ. ଅରୁନ୍ଧତୀ ଦେବୀ

ଭାରତର ପ୍ରସିଦ୍ଧ ହିନ୍ଦୀ କବି, ପ୍ରାବନ୍ଧିକ, ଦେଶପ୍ରେମୀ ଓ ବିଦ୍ୱାନ ଥିଲେ ରାମଧାରୀ ସିଂହ ଦିନକର । ସୁପରିଚିତ ଆଧୁନିକ ହିନ୍ଦୀ କବିଙ୍କ ମଧ୍ୟରେ ସେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଜଣେ ବିଦ୍ରୋହୀ କବି ରୂପେ ତାଙ୍କର ଖ୍ୟାତି ରହିଛି । ବୀର ରସ କବିତାର ସେ ଥିଲେ ସ୍ରଷ୍ଟା । ବିହାର ପ୍ରାନ୍ତର ବେଗୁସରାୟ ଜିଲ୍ଲାର ସିମରିୟା ଘାଟ ତାଙ୍କ ଜନ୍ମସ୍ଥଳୀ । ରାମଧାରୀ ପାଟନା ବିଶ୍ୱବିଦ୍ୟାଳୟରେ ଇତିହାସ, ଦର୍ଶନଶାସ୍ତ୍ର ଓ ରାଜନୀତି ବିଜ୍ଞାନ ଅଧ୍ୟୟନ କରିଥିଲେ । ସଂସ୍କୃତ, ବଙ୍ଗଳା, ଇଂରାଜୀ ଓ ଉର୍ଦ୍ଦୁ ମଧ୍ୟ ଅଧ୍ୟୟନ କରିଥିଲେ । ସ୍ୱାଧୀନତା ପୂର୍ବର ବିଦ୍ରୋହୀ କବିର ପରିଚୟ ପାଇଥିବା ରାମଧାରୀ ସ୍ୱାଧୀନତା ପରେ ରାଷ୍ଟ୍ରକବି ନାମରେ ଲୋକପ୍ରିୟ ହେଲେ । ଗୋଟିଏ ପଟେ ତାଙ୍କର କବିତାରେ ବିଦ୍ରୋହ, ଆକ୍ରୋଶ ଓ କ୍ରାନ୍ତିର ଆହ୍ୱାନ ରହିଥିବାବେଳେ ଅନ୍ୟପକ୍ଷେ କୋମଳ ଶୃଙ୍ଗାର ଭାବନାର ଅଭିବ୍ୟକ୍ତି ବାରିହୁଏ । ଏହି ଦୁଇ ପ୍ରବୃତ୍ତିର ଚରମ ଉତ୍କର୍ଷ ତାଙ୍କ କୁରୁକ୍ଷେତ୍ର ଓ ଉର୍ବଶୀରେ ଦେଖିବାକୁ ମିଳେ । ଉର୍ବଶୀ ପାଇଁ ରାମଧାରୀଙ୍କୁ ଭାରତୀୟ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେହିପରି କୁରୁକ୍ଷେତ୍ର ବିଶ୍ୱର ୧୦୦ ସର୍ବଶ୍ରେଷ୍ଠ କାବ୍ୟ ମଧ୍ୟରେ ୭୪ତମ ସ୍ଥାନ ଅଧିକୃତ କରିଥିଲା । ସାମାଜିକ ଓ ଆର୍ଥିକ ସମାନତା ଏବଂ ଶୋଷଣ ବିରୋଧରେ ସେ କବିତା ରଚନା କରୁଥିଲେ । ଜଣେ ପ୍ରଗତିବାଦୀ ଓ ମାନବବାଦୀ କବି ରୂପେ ସେ ଐତିହାସିକ ଚରିତ୍ର ଓ ଘଟଣାଗୁଡ଼ିକୁ ଓଜସ୍ୱୀ ଶବ୍ଦ ଦ୍ୱାରା ମଣ୍ଡିତ କରିଥିଲେ । ତାଙ୍କ ମହାନ ରଚନା ମଧ୍ୟରେ ରଶ୍ମିରଥୀ ଓ ପର୍ଶୁରାମ୍‌ଜୀ ପ୍ରତକ୍ଷା ସାମିଲ । ଭୂଷଣ ପରେ ତାଙ୍କୁ ବୀର ରସର ସର୍ବଶ୍ରେଷ୍ଠ କବିର ମାନ୍ୟତା ମିଳିଲା । ତାଙ୍କର ବିଭିନ୍ନ ରଚନାବଳୀ ଭାରତର ଅନେକ ପ୍ରାନ୍ତୀୟ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଛି । କେବଳ ଜଣେ ଲେଖକ ବା ଦେଶପ୍ରେମୀ ଭାବେ ଯେତିକି ନୁହେଁ ବରଂ ସେ ଜଣେ ସମାଜସେବୀ ଭାବେ, ସମାଜର ତଳ ପାହାଚରେ ଥିବା ଲୋକମାନଙ୍କ ପାଇଁ ତାଙ୍କ ସମୟ ଅତିବାହିତ କରୁଥିଲେ । ଅନେକ ଦାତବ୍ୟ ଓ ସାମାଜିକ ସଂଗଠନ ସହ ସେ ଜଡ଼ିତ ଥିଲେ । ୧୯୫୯ରେ ପଦ୍ମ ବିଭୂଷଣ ଦ୍ୱାରା ରାମଧାରୀଙ୍କୁ ସମ୍ମାନିତ କରାଯାଇଥିଲା । ୧୯୬୮ରେ ରାଜସ୍ଥାନ ବିଦ୍ୟାପୀଠ ତାଙ୍କୁ ସାହିତ୍ୟ ଚୂଡ଼ାମଣିରେ ସମ୍ମାନିତ କରିଥିଲେ । ୧୯୦୮ ସେପ୍ଟେମ୍ବର ଆଜିର ଦିନ କବି ରାମଧାରୀ ଜନ୍ମ ଗ୍ରହଣ କରିଥିଲେ ।



+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦




## କାଶତଣ୍ଡୀର ଧଳା ଚିଠି

ପର୍ଶୁରାମ ଦାସ

ଶରତ ଆସିଛି
ନୀଳ ଆକାଶର କପାଳରୁ
ମେଘର ଶେଷ କଳା ଦାଗ
ଲିଭାଇ,
ନଦୀକୂଳେ ଫୁଟିଛି
ଧଳା ଧଳା କାଶତଣ୍ଡି
ପ୍ରକୃତି ଯେମିତି
ଲେଖିଛି ଏକ ନିରବ ଚିଠି ।
କାଶଫୁଲର ହସରେ
ଗାଁର ମାଟି ଅଛି,
ନଈପଠାର ଶୈଶବ ଅଛି,
ମାଆର ପଣତରେ ଲୁଚିଥିବା
ପାର୍ବଣର ପୁରୁଣା ଗନ୍ଧ ଅଛି ।
ଆଜି କିନ୍ତୁ
ସହରର କାଚଘର ଭିତରେ
ଶରତକୁ ଖୋଜୁଥିବା ମଣିଷ
ମୋବାଇଲ୍ ପରଦାରେ
କାଶଫୁଲର ଛବି ଦେଖେ ।
ଛୁଇଁପାରେନି କାଶର ନରମ ଦେହ,
ଶୁଣିପାରେନି ପବନର କଥା—
ବଡ଼ ହୋଇହୋଇ
ଆମେ ହଜାଇଦେଇଛୁ
ନିଜ ଭିତରର ପିଲାଟିକୁ ।
ତଥାପି କାଶତଣ୍ଡୀ
ଅଭିମାନ କରେନି ।
ରାସ୍ତାକଡ଼ରେ ଠିଆହୋଇ
ପ୍ରତ୍ୟେକ ଯାତ୍ରୀକୁ କହେ
"ଫେରିଆସ ମଣିଷ,
ଏବେ ବି ଋତୁ ବଦଳିବାର
ଅର୍ଥ ଅଛି ।"

+ଦେଉଳା, ଭୋଗରାଇ, ବାଲେଶ୍ୱର
ମୋ:୯୩୪୮୬୯୭୪୦୪

## ରୂପହୀନ ଯଉବନ

ପ୍ରଶାନ୍ତ କୁମାର ନାୟକ



ପ୍ରତୀକ୍ଷିତ ମୁଁ ଯେ ସପନ ନାୟିକା
ତୁମ ବାଟ ଚାହିଁ ଚାହିଁ,
ନିଃସଙ୍ଗ ବିରହେ ଜଳେ ପ୍ରତିକ୍ଷଣ
ପ୍ରତୀକ୍ଷାର ଅନ୍ତ ନାହିଁ ।।
ପୃଥିବୀଟା ପୂରା ଲାଗେ ଧୂଆଁ ଧୂଆଁ
ଅଣ ନିଃଶ୍ୱାସୀ ମୁଁ କେତେ,
ତୁମବିନା ସାଥୀ ହୁଏ ଆନମନା
ନୀରବତା ଘେନି ସାଥେ ।।
ଭାରି ନିଛାଟିଆ ଦୁନିଆଟା ଲାଗେ
ସାଗର ବି ଲାଗେ ଶୁଷ୍କ,
ସୁନୀଳ ଆକାଶ ଦିଶେ ଖଣ୍ଡ ଖଣ୍ଡ
ସବୁ ଋତୁ ଲାଗେ ତୁଚ୍ଛ ।।
ମଳୟର ସ୍ୱାଦ ଝାଞ୍ଜିର ପବନ
ରୂପହୀନ ଯଉବନ,
ତୁମବିନା ସାଥୀ ଫିକା ଜହ୍ନରାତି
ଇନ୍ଦ୍ରଧନୁ ରଙ୍ଗହୀନ ।
କଳ୍ପନାରୁ ଜାତ ହେ କଳ୍ପିତ ପ୍ରିୟା
ନଦିଅ ଯାତନା ବେଶୀ,
ଆଗମନ କର ହୃଦୟରେ ମୋର
ଭାଗ୍ୟାକାଶେ ହସେ ଶଶୀ ।।
ତୁମରି ସାନ୍ନିଧ୍ୟେ ଦୁନିଆଟା ପୁଣି
ମୋପାଇଁ ପାଲଟୁ ସ୍ୱର୍ଗ,
ଘାତ ପ୍ରତିଘାତ ହେଉ ପରାହତ
ପ୍ରେମ ହେଉ ଆମ ଦୁର୍ଗ ।।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

ଘରେ ଦୁର୍ଗନ୍ଧ ଦୂର କରିବା ସହ ପରିବେଶକୁ ସୁଗନ୍ଧିତ କରିବା ପାଇଁ ରୁମ୍ ଫ୍ରେସନର ଏବେ ପ୍ରାୟ ସବୁ ଘରେ ବ୍ୟବହାର ହେଉଛି । ସ୍ପ୍ରେ, ପ୍ଲଗ୍-ଇନ୍, ଅଟୋମେଟିକ୍ ସ୍ପ୍ରେ, ରିଡ୍ ଡିଫ୍ୟୁଜର, ଜେଲ୍ ଓ ଫ୍ରେଗ୍ରାନ୍ସ ବିଡ୍ସ ଭଳି ଅନେକ ବିକଳ୍ପ ବଜାରରେ ଉପଲବ୍ଧ । କିନ୍ତୁ ଏହାକୁ ଦୀର୍ଘ ସମୟ ଧରି ଓ ଅଧିକ ପରିମାଣରେ ବ୍ୟବହାର କରିବା ସବୁବେଳେ ନିରାପଦ ନୁହେଁ । ଫ୍ରେଶନରର ପ୍ରକାର, ଏଥିରେ ଥିବା ରାସାୟନିକ ପଦାର୍ଥ ଓ ବ୍ୟବହାର ପ୍ରଣାଳୀ ଉପରେ ଏହାର ପ୍ରଭାବ ନିର୍ଭର କରେ । ରୁମ୍ ଫ୍ରେସନରରେ ସୁଗନ୍ଧ ଦେବା ପାଇଁ ବିଭିନ୍ନ ଫ୍ରେଗ୍ରାନ୍ସ କେମିକାଲ୍, ଏସେନ୍ସିଆଲ୍ ଅଏଲ୍ ଓ ସଲଭେଣ୍ଟ ବ୍ୟବହାର ହୋଇଥାଏ । କେତେକ ଲିକ୍ୱିଡ୍ ଫ୍ରେଶନରରେ ଆଲକୋହଲ୍ ଭଳି ସଲଭେଣ୍ଟ ଥାଏ । ଏରୋସଲ୍ ସ୍ପ୍ରେରେ ପ୍ରୋପେଲାଣ୍ଟ ଗ୍ୟାସ୍ ମଧ୍ୟ ବ୍ୟବହାର ହୋଇପାରେ । ଏହି ପ୍ରଡକ୍ଟ ବ୍ୟବହାର ସମୟରେ ହାୱାରେ **VOCs (Volatile Organic Compounds)** ମିଶିପାରେ । ଏହି ରାସାୟନିକ ପଦାର୍ଥ ବାଷ୍ପ ଆକାରରେ ବାୟୁରେ ବ୍ୟାପିଥାଏ । ବନ୍ଦ ଘରେ ଅଧିକ ସମୟ ଧରି ଏହାର ସଂସ୍ପର୍ଶରେ ରହିଲେ କିଛି ଲୋକଙ୍କଠାରେ ଅସୁବିଧା ହୋଇପାରେ । ସମସ୍ତଙ୍କ ଉପରେ ରୁମ୍ ଫ୍ରେସନରର ପ୍ରଭାବ ସମାନ ହୋଇନଥାଏ । କିଛି ଲୋକଙ୍କଠାରେ ଏହାର ତୀବ୍ର ସୁଗନ୍ଧ ଯୋଗୁଁ କାଶ, ଗଳା ଜଳିବା, ମୁଣ୍ଡବିନ୍ଧା କିମ୍ବା ଆଲର୍ଜି ଭଳି ସମସ୍ୟା ହୋଇପାରେ । ଫ୍ରେସନର ବ୍ୟବହାର ପରେ ଶ୍ୱାସ ନେବାରେ ଅସୁବିଧା ହେଲେ ତୁରନ୍ତ ତାଜା ପବନ ଥିବା ସ୍ଥାନକୁ ଯିବା ଉଚିତ ।




## ପିଲାଙ୍କଠାରୁ ଦୂରେ ରଖନ୍ତୁ

ଲିକ୍ୱିଡ୍ ରିଫିଲ୍, ରିଡ୍ ଡିଫ୍ୟୁଜର, ଜେଲ୍ ଓ ଫ୍ରେଗ୍ରାନ୍ସ ବିଡ୍ସ ପିଲାଙ୍କ ପାଇଁ ବିପଦଜନକ ହୋଇପାରେ । ଛୋଟ ପିଲାମାନେ ଏଗୁଡ଼ିକୁ ଭୁଲ୍‌ରେ ପାଟିରେ ଦେଇପାରନ୍ତି । ଫ୍ରେସନର ଗିଳିଦେଲେ ମୁହଁ ଓ ପେଟରେ ଜଳାପୋଡ଼ା, ବାନ୍ତି ଭଳି ସମସ୍ୟା ହୋଇପାରେ । ଏପରି ଘଟଣା ଘଟିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ।

## ଅଗ୍ନିକାଣ୍ଡର ଆଶଙ୍କା ବି ରହିଛି

ଏରୋସଲ୍ ଓ ଅଟୋମେଟିକ୍ ସ୍ପ୍ରେରେ ଜ୍ୱଳନଶୀଳ ପଦାର୍ଥ ରହିପାରେ । ତେଣୁ ମାଚିସ୍, ମହମବତୀ, ସିଗାରେଟ୍ କିମ୍ବା ଖୋଲା ନିଆଁ ପାଖରେ ଏହାର ବ୍ୟବହାର କରନ୍ତୁ ନାହିଁ । ପ୍ଲଗ୍-ଇନ୍ ଫ୍ରେଶନରକୁ ମଧ୍ୟ ପିଲା ଓ ପୋଷା ପଶୁଙ୍କ ପହଞ୍ଚଠାରୁ ଦୂରରେ ରଖିବା ଭଲ ।

## ଚର୍ମ କିମ୍ବା ଆଖିରେ ପଡ଼ିଲେ

ରୁମ୍ ଫ୍ରେସନର ଚର୍ମରେ ପଡ଼ିଲେ ଲାଲ୍ ହେବା, ଜଳାପୋଡ଼ା କିମ୍ବା ଆଲର୍ଜି ହୋଇପାରେ । ଏପରି ହେଲେ ପ୍ରଭାବିତ ସ୍ଥାନକୁ ସାବୁନ ଓ ପାଣିରେ ଧୋଇଦିଅନ୍ତୁ । ଆଖିରେ ପଡ଼ିଲେ ସଫା ପାଣିରେ ଭଲ ଭାବେ ଧୁଅନ୍ତୁ । ସମସ୍ୟା ନକମିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ସୁଗନ୍ଧ ପାଇଁ ସତର୍କତା ଜରୁରୀ

ରୁମ୍ ଫ୍ରେସନରକୁ ଆବଶ୍ୟକତା ଅନୁସାରେ କମ୍ ପରିମାଣରେ ବ୍ୟବହାର କରନ୍ତୁ । ବନ୍ଦ ଘରେ ବାରମ୍ବାର ସ୍ପ୍ରେ ନକରି ଝରକା ଖୋଲି ଭଲ ବାୟୁ ଚଳାଚଳ କରାନ୍ତୁ । କେବଳ ଫ୍ରେସନର ଦ୍ୱାରା ଦୁର୍ଗନ୍ଧ ଲୁଚାଇବା ବଦଳରେ ଦୁର୍ଗନ୍ଧର ମୂଳ କାରଣକୁ ସଫା କରିବା ଅଧିକ ଭଲ । ଫ୍ରେସନର ବ୍ୟବହାର ପରେ ବାରମ୍ବାର କାଶ, ମୁଣ୍ଡବିନ୍ଧା କିମ୍ବା ଆଲର୍ଜି ହେଉଥିଲେ ଏହାର ବ୍ୟବହାର କମାଇବା କିମ୍ବା ବନ୍ଦ କରିବା ଉଚିତ ।

ଭାରତୀୟ ଘରଗୁଡ଼ିକରେ ପିତ୍ତଳ ଓ ତମ୍ବା ବାସନର ବ୍ୟବହାର ବହୁ ପୁରୁଣା। ପୂଜା ଥାଳି ହେଉ କିମ୍ବା ରୋଷେଇ ଘରର ବାସନକୁସନ, ଏହି ଧାତୁର ବାସନକୁ ବହୁଳ ବ୍ୟବହାର କରାଯାଏ। ମାତ୍ର ସମୟ ବିତିବା ସହ ବାୟୁ ସଂସ୍ପର୍ଶରେ ଆସି ଏହି ବାସନଗୁଡ଼ିକର ରଙ୍ଗ ଧୀରେ ଧୀରେ କଳା ପଡ଼ିଯାଏ ଏବଂ ଏହାର ଚମକ ହଜିଯାଏ। ଯଦି ଆପଣଙ୍କ ଘରେ ମଧ୍ୟ ଏପରି କଳା ପଡ଼ିଯାଇଥିବା ବାସନ ରହିଛି, ଏବଂ ଆପଣ ସେଗୁଡ଼ିକୁ ଅଧିକ କଷ୍ଟ ନକରି କମ୍ ସମୟରେ ଚମକାଇବାକୁ ଚାହୁଁଛନ୍ତି, ତେବେ ଏହି ଘରୋଇ ଓ ସହଜ ଉପାୟ ଆପଣଙ୍କ କାମରେ ଆସିପାରିବ।




*କାହିଁକି କଳା ପଡ଼ିଯାଏ ତମ୍ବା ଓ ପିତ୍ତଳ ବାସନ ?*

ବାୟୁରେ ଥିବା ଅମ୍ଳଜାନ (ଅକ୍ସିଜେନ୍) ଏବଂ ଆର୍ଦ୍ରତା ସହ ପ୍ରତିକ୍ରିୟା କରିବା ଯୋଗୁଁ ତମ୍ବା ଓ ପିତ୍ତଳ ଉପରେ ଏକ କଳା କିମ୍ବା ମଳିନ ଆସ୍ତରଣ ଜମିଯାଏ, ଯାହାକୁ ଅକ୍ସିଡେସନ୍ କୁହାଯାଏ। ଏହା ବ୍ୟତୀତ ରୋଷେଇ ସମୟରେ ତେଲ-ମସଲା ସଂସ୍ପର୍ଶରେ ଆସିବା, ଧୋଇବା ପରେ ବାସନ ଓଦା ରହିଯିବା ଏବଂ ବହୁ ଦିନ ଧରି ବ୍ୟବହାର ନକରି ରଖିବା ଦ୍ୱାରା ମଧ୍ୟ ଏହାର ଚମକ କମିଯାଏ।

ସହଜରେ ଚମକାଇବାର ସଠିକ୍ ଉପାୟ

*୧. କ୍ଲିନିଂ ପାଉଡରର ବ୍ୟବହାର:*

ବଜାରରେ ବିଶେଷ କରି ତମ୍ବା ଓ ପିତ୍ତଳ ସଫା କରିବା ପାଇଁ ଶାଇନିଂ ପାଉଡର୍ ମିଳିଥାଏ। କିଛି ପାଉଡରରେ ଅଳ୍ପ ପାଣି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ବାସନର ସମସ୍ତ ଅଂଶରେ ଭଲଭାବେ ଲଗାଇ ଦିଅନ୍ତୁ।

ସ୍ପଞ୍ଜ୍, ନରମ କପଡ଼ା କିମ୍ବା ଆଙ୍ଗୁଠି ସାହାଯ୍ୟରେ ହାଲୁକା ଭାବେ ଗୋଲ ଗୋଲ କରି ଘଷନ୍ତୁ। ଯଦି ଦାଗ ଅଧିକ ଥାଏ, ତେବେ ପେଷ୍ଟକୁ ୧-୨ ମିନିଟ୍ ପାଇଁ ଲଗାଇ ରଖିଦିଅନ୍ତୁ। ଏହାପରେ ବାସନକୁ ସଫା ପାଣିରେ ଧୋଇ ତୁରନ୍ତ ଏକ ଶୁଖିଲା କପଡ଼ାରେ ପୋଛି ଦିଅନ୍ତୁ।

*୨. ଲେମ୍ବୁ, ଲୁଣ ଓ ତେନ୍ତୁଳିର ବ୍ୟବହାର*

ଅନେକ ଘରେ ପାରମ୍ପରିକ ଭାବେ ଲେମ୍ବୁ-ଲୁଣ କିମ୍ବା ତେନ୍ତୁଳି ପେଷ୍ଟ ବ୍ୟବହାର କରି ବାସନ ସଫା କରାଯାଏ। ଏହାର ଅମ୍ଳୀୟ ଗୁଣ ଯୋଗୁଁ ମଳି ଶୀଘ୍ର ଛାଡ଼ିଥାଏ, ମାତ୍ର ଅତି ପୁରୁଣା କଳା ଦାଗ ପାଇଁ ଏଥିରେ ଅଧିକ ସମୟ ଓ ଶ୍ରମ ଦେବାକୁ ପଡ଼ିଥାଏ।

ହଁ, ମନେ ରଖନ୍ତୁ ଯେ, ସଫା କରିବା ସମୟରେ ଷ୍ଟିଲ୍ ସ୍କ୍ରବର ବ୍ୟବହାର କରନ୍ତୁ ନାହିଁ, ନଚେତ୍ ବାସନ ଉପରେ ଦାଗ (ସ୍କ୍ରାଚ୍) ପଡ଼ିଯାଇପାରେ। ବାସନ ଧୋଇବା ପରେ ତାହାକୁ ଓଦା ଛାଡ଼ନ୍ତୁ ନାହିଁ। ଶୁଖିଲା କପଡ଼ାରେ ନ ପୋଛିଲେ ପୁଣି ଥରେ ପାଣି ଦାଗ ବସିଯିବାର ସମ୍ଭାବନା ଥାଏ। ପୁରୁଣା ବାସନଗୁଡ଼ିକୁ ଫିଙ୍ଗିବା କିମ୍ବା ନୂଆ କିଣିବା ପରିବର୍ତ୍ତେ ଏହି ସହଜ ଉପାୟ ଆପଣାଇ ଆପଣ ନିଜ ଘରର ପିତ୍ତଳ ଓ ତମ୍ବା ବାସନକୁ ପୁଣିଥରେ ନୂଆ ପରି ଚମକାଇ ପାରିବେ।

ଅନେକ ଲୋକ ଆଚାର ଖାଇବାକୁ ବହୁତ ପସନ୍ଦ କରିଥାନ୍ତି। କିନ୍ତୁ ବର୍ଷା ଦିନେ ଆଚାରକୁ ସୁରକ୍ଷିତ ରଖିବା ଟିକିଏ କଷ୍ଟକର ହୋଇପଡ଼ିଥାଏ। ଅନେକ ସମୟରେ ମାସ ମାସ ଧରି ରଖାଯାଇଥିବା ଆଚାର ଉପରେ ଧଳା କିମ୍ବା ସବୁଜ ରଙ୍ଗର ଫିମ୍ପି ଲାଗିଯାଏ । ଏଭଳି ପରିସ୍ଥିତିରେ ଅନେକ ଲୋକ ଆଚାରର ଉପର ପରସ୍ତକୁ କାଢ଼ିଦେଇ ବାକି ଆଚାର ବ୍ୟବହାର କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଫଙ୍ଗସ୍ ଲାଗିଥିବା ଆଚାରର କେବଳ ଉପର ଭାଗ ହଟାଇ ବାକି ଅଂଶ ଖାଇବା ନିରାପଦ ନୁହେଁ। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇବା ଏବଂ ଓଦା ଚାମଚ ବ୍ୟବହାର କରିବା ଦ୍ୱାରା ଆଚାରରେ ଫିମ୍ପି ଲାଗିଥାଏ। ଆଚାରକୁ ବର୍ଷା ଦିନେ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ଆଜି ଆମେ ଆପଣଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେବୁ । ଏହାକୁ ଆପଣ ଆପଣାଇଲେ ଆଚାରରେ ଜମା ବି ଫିମ୍ପି ଲାଗିବ ନାହିଁ ।




**୧. ଶୁଖିଲା ଚାମଚର ବ୍ୟବହାର**

ଆଚାର କାଢ଼ିବା ସମୟରେ ସବୁବେଳେ ସମ୍ପୂର୍ଣ୍ଣ ଶୁଖିଲା ଏବଂ ସଫା ଚାମଚ ବ୍ୟବହାର କରନ୍ତୁ। ଓଦା ଚାମଚରୁ ଗୋଟିଏ କି ଦୁଇ ବୁନ୍ଦା ପାଣି ମଧ୍ୟ ଆଚାରରେ ଜୀବାଣୁ ବୃଦ୍ଧି କରିପାରେ, ଯାହାଫଳରେ ଆଚାର ଶୀଘ୍ର ଖରାପ ହୋଇଯାଏ।

**୨. ଆଚାର ଖଣ୍ଡଗୁଡ଼ିକୁ ତେଲରେ ବୁଡ଼ାଇ ରଖନ୍ତୁ**

ପାରମ୍ପରିକ ତେଲ ଆଚାରରେ ସବୁବେଳେ ଲକ୍ଷ୍ୟ ରଖନ୍ତୁ ଯେପରି ଆଚାରର ଖଣ୍ଡଗୁଡ଼ିକ ତେଲ ତଳେ ବୁଡ଼ି ରହିବ। ଯଦି ଆଚାର ଖଣ୍ଡ ତେଲ ଉପରକୁ ରହିଯାଏ, ତେବେ ସେଥିରେ ବାୟୁ ଓ ଓଦା ଭାବ ବାଜି ଫଙ୍ଗସ୍ ସୃଷ୍ଟି ହେବାର ସମ୍ଭାବନା ବଢ଼ିଯାଏ। ଆବଶ୍ୟକ ପଡ଼ିଲେ ଗରମ କରି ଥଣ୍ଡା କରାଯାଇଥିବା ତେଲ ଅଳ୍ପ ମିଶାଇ ପାରିବେ।

**୩. କାଚ ଜାର୍ ବ୍ୟବହାର କରନ୍ତୁ**

ଆଚାର ରଖିବା ପାଇଁ ସଫା ଓ ଶୁଖିଲା କାଚ ବୋତଲ/ଜାର୍ ସବୁଠାରୁ ଉତ୍ତମ। କାଚ ବାହାରର ଆର୍ଦ୍ରତାକୁ ଶୋଷଣ କରେନାହିଁ। ପ୍ରତିଥର ଆଚାର କାଢ଼ିବା ପରେ ଢାଙ୍କୁଣିକୁ ଭଲ ଭାବରେ ବନ୍ଦ କରନ୍ତୁ।

**୪. ସଠିକ୍ ସ୍ଥାନରେ ରଖନ୍ତୁ**

ଆଚାର ବୋତଲକୁ ଗ୍ୟାସ୍ ଷ୍ଟୋଭ୍ କିମ୍ବା ଅଧିକ ଉତ୍ତାପ ହେଉଥିବା ସ୍ଥାନରେ ରଖନ୍ତୁ ନାହିଁ। ଏହାକୁ ଥଣ୍ଡା ଓ ଶୁଖିଲା ସ୍ଥାନରେ ରଖିବା ଉଚିତ୍। ଜରୁରୀ ପଡ଼ିଲେ କମ୍ ଲୁଣ ଥିବା ଆଚାରକୁ ବର୍ଷା ଦିନେ ଫ୍ରିଜ୍ ଭିତରେ ମଧ୍ୟ ରଖିପାରିବେ।

**୫. ଆଚାର କମିଗଲେ ଛୋଟ ଜାରକୁ ବଦଳାନ୍ତୁ**

ବୋତଲରେ ଆଚାର କମିଗଲେ ଅଧିକ ଖାଲି ଜାଗା ରହେ, ଯେଉଁଥିରେ ବାୟୁ ଜମି ରହି ଆଚାର ଖରାପ କରିପାରେ। ତେଣୁ ଆଚାର କମିଗଲେ ଏହାକୁ ଏକ ଛୋଟ ଏୟାର-ଟାଇଟ୍ କାଚ ଜାରକୁ ସିଫ୍ଟ କରିଦିଅନ୍ତୁ।

# ନିରାମିଷ ବନାମ ମାଂସାହାରୀ: କେଉଁ ଖାଦ୍ୟ ଖାଇଲେ ବଢ଼ିବ ଆୟୁଷ ?

ନିରାମିଷ ଭୋଜନ ଭଲ ନା ମାଂସାହାରୀ ଖାଦ୍ୟ ? ଏହି ପ୍ରଶ୍ନକୁ ନେଇ ପ୍ରାୟ ସବୁବେଳେ ଚର୍ଚ୍ଚା ହୋଇଥାଏ। କେହି ନିରାମିଷ ଖାଦ୍ୟକୁ ସୁସ୍ଥ ଓ ଦୀର୍ଘାୟୁର ଚାବିକାଠି ବୋଲି କରନ୍ତି। ଆଉ କେହି ମାଛ, ଅଣ୍ଡା, ମାଂସ ଓ ଦୁଗ୍ଧଜାତୀୟ ଖାଦ୍ୟରୁ ମିଳୁଥିବା ପ୍ରୋଟିନ୍ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଶରୀର ପାଇଁ ଜରୁରୀ ବୋଲି ମତ ଦିଅନ୍ତି। ତେବେ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ କେଉଁ ଖାଦ୍ୟ ଅଧିକ ଭଲ ? ଆସନ୍ତୁ ଜାଣିବା

**ନିରାମିଷ ଖାଦ୍ୟର ଫାଇଦା କ'ଣ ?**

ରିପୋର୍ଟରୁ ଜଣାପଡ଼ିଛି ଯେ ଯେଉଁମାନେ ଅଧିକ ପରିମାଣରେ ଫଳ, ପନିପରିବା, ଡାଲି, ଶସ୍ୟ, ବାଦାମ ଓ ଅନ୍ୟାନ୍ୟ ଉଦ୍ଭିଦଭିତ୍ତିକ ଖାଦ୍ୟ ଖାଆନ୍ତି ସେମାନଙ୍କଠାରେ ହୃଦ୍ରୋଗ, ମଧୁମେହ ଓ ଅନ୍ୟ କେତେକ ରୋଗର ଆଶଙ୍କା କମ୍ ଦେଖା ଯାଇଥାଏ। ଏହି ଖାଦ୍ୟରେ ସାଧାରଣତଃ ଫାଇବର, ଭିଟାମିନ୍, ମିନେରାଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଅଧିକ ଥାଏ। ଫଳ ଓ ପନିପରିବାରୁ ମିଳୁଥିବା ବିଭିନ୍ନ ପୋଷକତତ୍ତ୍ୱ ଶରୀର ପାଇଁ ବହୁତ ଉପକାରୀ। କେବଳ ଯେ ନିରାମିଷ ଖାଇଲେ ହିଁ ଜଣେ ବ୍ୟକ୍ତି ଦୀର୍ଘାୟୁ ହେବେ ଏହି କଥାରେ କୌଣସି ସତ୍ୟତା ନାହିଁ।

**ମାଂସାହାରୀ ଖାଦ୍ୟକୁ ନେଇ କ'ଣ କୁହନ୍ତି ଗବେଷକ ?**

ନିକଟରେ ଚୀନ୍ ରେ ବୟସ୍କ ଲୋକଙ୍କୁ ନେଇ ହୋଇଥିବା ଏକ ଅଧ୍ୟୟନରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ଅଧ୍ୟୟନରେ ମାଛ ଓ ଦୁଗ୍ଧଜାତୀୟ ଖାଦ୍ୟ ଖାଉଥିବା ଲୋକଙ୍କ ଆୟୁଷରେ ନିରାମିଷ ଭୋଜନ କରୁଥିବା ଲୋକଙ୍କ ତୁଳନାରେ କୌଣସି




ବଡ଼ ପାର୍ଥକ୍ୟ ଦେଖାଯାଇ ନଥିଲା।

**ଦୀର୍ଘାୟୁ ପାଇଁ ଖାଦ୍ୟରେ ସନ୍ତୁଳନ ଜରୁରୀ**

ବିଶେଷଜ୍ଞଙ୍କ ମତରେ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ ଖାଦ୍ୟରେ ସନ୍ତୁଳନ ରହିବା ସବୁଠାରୁ ଅଧିକ ଜରୁରୀ। ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କ ପୋଷଣ ଆବଶ୍ୟକତା ସମାନ ନୁହେଁ। ବୟସ, ଶାରୀରିକ କାର୍ଯ୍ୟକଳାପ, ଲିଙ୍ଗ ଓ ସାମଗ୍ରିକସ୍ୱାସ୍ଥ୍ୟ ଅନୁସାରେ ଖାଦ୍ୟର ଆବଶ୍ୟକତା ବଦଳିଥାଏ। ସେହିପରି ଦୀର୍ଘାୟୁ ପାଇଁ କେବଳ ନିରାମିଷ କିମ୍ବା କେବଳ ମାଂସାହାରୀ ଖାଦ୍ୟକୁ ଦାୟୀ କରାଯାଇ ପାରିବ ନାହିଁ। ସନ୍ତୁଳିତ ଖାଦ୍ୟ ସହିତ ନିୟମିତ ଶାରୀରିକ କାର୍ଯ୍ୟକଳାପ, ଭଲ ଜୀବନଶୈଳୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର ଅଭ୍ୟାସ ମଧ୍ୟ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ।

# ଘରେ ବନାନ୍ତୁ ଦେଶୀ ପ୍ରୋଟିନ୍ ପାଉଡର

ଆଜିକାଲି ଫିଟ୍ ରହିବା ଓ ମାଂସପେଶୀ ବୃଦ୍ଧି ପାଇଁ ପ୍ରୋଟିନ୍ ପାଉଡରର ବ୍ୟବହାର ବଢ଼ିଛି। ବଜାରରେ ମିଳୁଥିବା ପ୍ରୋଟିନ୍ ପାଉଡର ମହଙ୍ଗା ହୋଇଥାଏ। ଏହା ସହ ସେଥିରେ ଶୁଦ୍ଧତା ମଧ୍ୟ ଗ୍ୟାରେଣ୍ଟି ନଥାଏ। ତେଣୁ ଘରେ ଥିବା ବିଭିନ୍ନ ପୌଷ୍ଟିକ ଉପାଦାନରୁ ଶୁଦ୍ଧ ଏବଂ ସହଜରେ ଆପଣ ପ୍ରୋଟିନ୍ ପାଉଡର ପ୍ରସ୍ତୁତ କରିପାରିବେ। ଏଥିପାଇଁ ଭଜା ବୁଟ, ଚିନାବାଦାମ, ବାଦାମ, କାଜୁ, ଅଖରୋଟ, ଅଳସୀ ମଞ୍ଜି, କଖାରୁ ମଞ୍ଜି, କିସମିସ୍, ଶୁଖିଲା ଡିମ୍ବିରି ଓ ଅଳେଇଚ ଭଳି ସାମଗ୍ରୀ ବ୍ୟବହାର କରନ୍ତୁ।



**କିପରି ପ୍ରସ୍ତୁତ କରିବେ ?**

ପ୍ରଥମେ ଏକ ପାତ୍ରରେ ଅଳ୍ପ ଘିଅ ଗରମ କରି ସେଥିରେ କାଜୁ, ବାଦାମ, ଅଖରୋଟ ଓ ଚିନାବାଦାମକୁ ହାଲୁକା ଭାବେ ଭାଜନ୍ତୁ। ଏହାକୁ ଅଧିକ ବାଦାମୀ ନକରି ଥଣ୍ଡା ହେବାକୁ ରଖନ୍ତୁ। ଏହାପରେ ଭଜା ବୁଟ, ଅଳସୀ ମଞ୍ଜି, କଖାରୁ ମଞ୍ଜି, ଶୁଖିଲା ଡିମ୍ବିରି ଓ କିସମିସ୍‌କୁ ମିକ୍ସରରେ ଦେଇ ଭଲ ଭାବେ ଗ୍ରାଇଣ୍ଡ କରନ୍ତୁ। ପରେ ଭଜା ବାଦାମ ଓ ଅନ୍ୟାନ୍ୟ ଡ୍ରାଏ ଫ୍ରୁଟ୍ସ ମିଶାଇ ପୁଣି ହାଲୁକା ଭାବେ ଗ୍ରାଇଣ୍ଡ କରନ୍ତୁ। ଶେଷରେ ଅଳେଇଚ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ। ମିଶ୍ରଣକୁ କିଛି ସମୟ ଖୋଲାରେ ରଖି ଆର୍ଦ୍ରତା କମାଇବା ପରେ ଏକ ଏୟାରଟାଇଟ୍ କାଚ ପାତ୍ରରେ ସଂରକ୍ଷଣ କରନ୍ତୁ।

**କିପରି ଖାଇବେ ?**

ସକାଳ ଜଳଖିଆ ସମୟରେ ଉଷୁମ କ୍ଷୀରରେ ୧ରୁ ୨ ଚାମଚ ଏହି ମିଶ୍ରଣ ମିଶାଇ ଖାଇପାରିବେ। ଏହାକୁ ସେକ୍ ଏବଂ ଓଟସ୍‌ରେ ମଧ୍ୟ ମିଶାଇ ବ୍ୟବହାର କରିପାରିବେ। ତେବେ ଏହାକୁ ବଜାରର ପ୍ରୋଟିନ୍ ପାଉଡରର ସହ ସମାନ ବୋଲି ଧରିନେବା ଠିକ୍ ନୁହେଁ। ଏହି ଘରୋଇ ମିଶ୍ରଣର ପ୍ରୋଟିନ୍ ପରିମାଣ ଉପାଦାନ ଓ ପରିମାଣ ଉପରେ ନିର୍ଭର କରେ। ନିୟମିତ ଭାବେ ଅଧିକ ପ୍ରୋଟିନ୍ ଆବଶ୍ୟକ ଥିଲେ ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

# ଆୟୁର୍ବେଦ ମହତ୍ୱ ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୨/୦୯ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ୨୩ ତାରିଖ ଜାତୀୟ ଆୟୁର୍ବେଦ ଦିବସ ଅବ୍ୟବହିତ ପୂର୍ବରୁ ଆୟୁର୍ବେଦର ସଫଳତା ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ, ଆମ ଘର ଚାରିପାଖରେ ଥିବା ପରିବେଶରୁ ଚେର ମୂଳ ଓ ରୋଷେଇ ଶାଳାରୁ ଦ୍ରବ୍ୟ ସଂଗ୍ରହ କରି ଔଷଧ ରୂପେ ବ୍ୟବହାର କଲେ, ଆମ ଶରୀର ପାଇଁ ପ୍ରତିକ୍ରିୟା ହୁଏନାହିଁ, ଶସ୍ତା, ସଦ୍ୟ ପ୍ରସ୍ତୁତ, ସବୁଠି ସୁଲଭ, ଦିବ୍ୟ ଦ୍ରଷ୍ଟା ଋଷି ମାନେ କହିଛନ୍ତି। ଆୟୁର୍ବେଦରେ ଅଛି ଯୋଗ, ଆସନ, ସଦାଚାର ଶିକ୍ଷ୍ୟା, ଦିନଚର୍ଯ୍ୟା, ମାଲିସ୍, ସେକ ଆଦି ପଂଚକର୍ମ ଚିକିତ୍ସା, ଶ୍ଲୀପଦ, ବାତରକ୍ତ, ଚର୍ମରୋଗ ପାଇଁ ଜୋକ ଚିକିତ୍ସା ଓ ଆମ ଭାରତର ଚିକିତ୍ସା ବିଜ୍ଞାନ। ପୁରାତନ ଗଣ୍ଠିବାତ, ସ୍ତ୍ରୀ ରୋଗ ଆଦି ଆୟୁର୍ବେଦ ଚିକିତ୍ସା ହୋଇ ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ, ଅମ୍ଲପିତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡିଶ୍ରୀନିବାସ ରାଓ।

# କଳାଗୁଡାରେ ଅବକାରୀ ଚଢାଉ: ଜଣେ ଗିରଫ

ଜୟପୁର,୨୨/୦୯ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା କଳାଗୁଡା ଜଙ୍ଗଲରେ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨ ହଜାର ଲିଟର ପୋଚ ଓ ୨୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରି ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଛି । ସେହିପରି ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା କଳାଗୁଡା ରାସ୍ତାରେ ଚଢାଉ କରି ଅଭିଯୁକ୍ତ ସୁକମନ ହିୟାଲ କୁ ଗିରଫ କରିଛି ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ କଲେ ମହାପ୍ରଭୁଙ୍କ ଦର୍ଶନ

ପୁରୀ, ୨୧ ସେପଟ୍ଟେମ୍ବର (ହି.ସ.)- ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ଟି ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ ଓ ସହାୟକଙ୍କ ସହ ମୋଟ୍ ୧୦୩୦ ଜଣ ଆଜି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରୁ ଏହି ଶ୍ରଦ୍ଧାଳୁ ମାନେ ଆସିଥିଲେ। ପର୍ଯ୍ୟଟନ ବିଭାଗ ସହାୟତା ଓ ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆସିଥିବା ଶ୍ରଦ୍ଧାଳୁମାନେ ବୃନ୍ଦାବତୀ ନିବାସ ଠାରେ ପହଂଚି ଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରଦ୍ଧାଳୁ ମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁ ମାନଙ୍କର ସମସ୍ତ ସୁବିଧା ସହ ରହିବା, ଖାଇବା, ଦର୍ଶନ କରିବାରେ ଯେପରି କୌଣସି ସମସ୍ୟା ନ ରୁହେ ସେଥି ପ୍ରତି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ଉତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶ୍ରଦ୍ଧାଳୁ ମାନେ ପୁରୀରେ ପହଂଚିବା ପରେ ଜଳଖିଆ ଖାଇ ମନ୍ଦିର ଦର୍ଶନ କରି ମଧ୍ୟାହ୍ନରେ ମଧ୍ୟାହ୍ନ ଭୋଜନ ଖାଇ ବିଶ୍ରାମ ନେଇଥିଲେ। ପୁନଷ୍ଚ ଅପରାହ୍ନରେ ଚା,ବିସ୍କୁଟ ଇତ୍ୟାଦି ଜଳଖିଆ ଖାଇ ସଂଧ୍ୟାରେ ମହାପ୍ରସାଦ ସେବନ କରି ନିଜ ନିଜ ଅଂଚଳକୁ ପ୍ରତ୍ୟାବର୍ତନ କରିଥିଲେ। ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ହୋଇଥିବାରୁ ସେମାନେ ଜିଲ୍ଲାପାଳ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ।

କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଓଏସଆରଟିସିର ମ୍ୟାନେଜର ତପସ୍ୱିନୀ ଭଞ୍ଜ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନର ବ୍ୟବସ୍ଥା କରାଇଥିଲେ। ଏହି ପର୍ଯ୍ୟାୟରେ ୧୩ଟି ଜିଲ୍ଲାର ୧୦୫୩୫ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି।

# ଜିଲ୍ଲା ଭାଜପା କାର୍ଯ୍ୟାଳୟଠାରେ ମତ୍ସ୍ୟ, ପ୍ରାଣୀ ଓ ପଶୁ ସମ୍ପଦ ମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ମାଲକାନଗିରି,୨୨/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ମତ୍ସ୍ୟ, ପ୍ରାଣୀ ଓ ପଶୁ ସମ୍ପଦ ମନ୍ତ୍ରୀଙ୍କ ଦ୍ୱାରା ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ସଭାପତି ଅଶୋକ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମତ୍ସ୍ୟ, ପ୍ରାଣୀ ଓ ପଶୁ ସମ୍ପଦ ତଥା ଜିଲ୍ଲା ପ୍ରଭାରୀ ଗୋକୁଲା ନନ୍ଦ ମଲ୍ଲିକଙ୍କ ମଂଚାସିନ ହୋଇଥିଲେ ।

ପ୍ରାରମ୍ଭରେ ସମସ୍ତ ଅତିଥି ଦଳର ପ୍ରତିଷ୍ଠାତା ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ତୈଳଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଆରମ୍ଭ କରିଥିଲେ । ଜିଲ୍ଲା ସଭାପତି ସ୍ୱାଗତ ଭାଷଣ ଦେଇ ସଭାକାର୍ଯ୍ୟକୁ ଆରମ୍ଭ କରିଥିଲେ । ଏହି ଅବସରରେ ଶ୍ରୀ ମଲ୍ଲିକ ୧୭ ସେପଟ୍ଟେମ୍ବରରୁ ଆରମ୍ଭ ହୋଇ ୧୭ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ସେବା ସଂକଳ୍ପ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ଲାଭାର୍ଥି ଓ ବିଭିନ୍ନ ମନ୍ଦିର ହୋଇଥିବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ତାହା ବାବଦରେ ବର୍ଣ୍ଣନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ଯୋଗୁଁ ମଧ୍ୟ ପ୍ରାଚ୍ୟ ଦେଶ ଯୁଦ୍ଧ ଲାଗିରହିଥିବା ବେଳେ ଗ୍ୟାସ ଓ ତୈଳ ଦର ବୃଦ୍ଧି ନହେବା ସୁଶାସନର ପରିମାଣ ବୋଲି ବର୍ଣ୍ଣନା କରିଥିଲେ । ଆଗାମୀ ନିର୍ବାଚନ ପାର୍ ହେବାକୁ ହେଲେ ମୋ ବୁଥ ସବୁଠୁ ମଜବୁତ୍ ଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ପଡିବ । ୨୦୧୪ ମସିହା ପରେ ଭାଜପା ଦେଶରେ ନିଜ ଶାସନ ଭାର ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶରେ ଏକ ବୈପ୍ଲବିକ ପରିବର୍ତନ ଆଣି କୃଷି, ସ୍ୱାସ୍ଥ୍ୟ, ଗମନା ଗମନ ଓ ଖାଦ୍ୟ ନିରାପତାକୁ ପ୍ରାଧାନ୍ୟ ଦେଇ ଦେଶକୁ ଆଗକୁ ବଢ଼ାଇ ଦେଶରୁ ନକ୍ସଲବାଦର ମୂଳ ସମାପ୍ତି ଘଟାଇ ଥିଲେ । ସେହିପରି ରାଜ୍ୟରେ ଭାଜପା ସରକାର ଗଠନ ପରେ ଧାନର କ୍ରୟ ମୂଲ୍ୟରେ ୮୦୦ ଟଙ୍କା ବୃଦ୍ଧି, ଡାଲି ଜାତୀୟ ଫସଲର ଉଚିତ୍ ମୂଲ୍ୟ କୃଷକ ମାନେ ପାଇ ପାରିଛନ୍ତି । ପିଏମ୍ କିସାନ, ସି ଏମ୍ କିଷାନ୍, ମୁଖ୍ୟ ମନ୍ତ୍ରୀ ଆର୍ଶୀବାଦ ଯୋଜନା ଭଳି ୧୧୩ ପ୍ରକାର ଯୋଜନା ଦ୍ୱାରା ଜନସମୁଦାୟ ଦେଶର ବିକାଶ ସହ ଯୋଡ଼ି ହୋଇ ପାରିଛନ୍ତି । ମା ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା ରହିଛି । ପୂର୍ବ ସରକାରରେ ବିଜୁ ସ୍ୱାସ୍ଥ୍ୟ ଯୋଜନାର ଘୋଟାଲା କେବଳ କିଛି ସଂସ୍ଥାକୁ ଲାଭ ପହଂଚାଇବା ପାଇଁ ହୋଇଥିବା ବେଳେ ବର୍ତମାନର ଆୟୁଷ୍ମାନ ଯୋଜନା ବୟୋ ବୃଦ୍ଧ, ବୃଦ୍ଧାଙ୍କୁ ଧନି ଗରିବ ନିର୍ବିଶେଷରେ ଏହା ସହାୟକ ହୋଇଥିବା ବେଳେ ଦେଶର ପ୍ରାୟ ୨୯୦୦୦ ମେଡିକାଲ ପଞ୍ଜୀକୃତ ହୋଇପାରିଛି । ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସକାଶେ ରାଜ୍ୟରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇ ପାରିଛି ।

ଆଜିର ଏହି ବୈଠକରେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ନରସିଂଙ୍ଗ ମାଡକାମୀ, ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ସୀସା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗଙ୍ଗା ସୋଡ଼ି, ଅଧକ୍ଷା, ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ, ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ, ନବଘନ ଲୋକେଇ, କୋଷାଧକ୍ଷ ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ନିହାର ରାୟ, ସବିତା ମିଶ୍ର, ବେଣୀ କାର୍ତୁଲ ଏବଂ ମିଡ଼ିଆ ପ୍ରମୁଖ ଭାବେ ବି. ଶ୍ରୀନିବାସ ପାତ୍ର, ସୋସିଆଲ ମିଡ଼ିଆ ପ୍ରମୁଖ ଦୀପକ ସାହା ଆଇଟି ପ୍ରମୁଖ ରାଜ୍ୟ କିଶୋର ମଣ୍ଡଳ ସମେତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଉପସ୍ଥିତ ରହିଥଲେ । ବୈଠକ ଶେଷରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ ।

# ନୂଆପଡ଼ାରେ ପ୍ରାଣୀ ସମ୍ପଦ ବିଭାଗର ମାସିକ ସମୀକ୍ଷା ବୈଠକ

ନୂଆପଡ଼ା,୨୨/୦୯ (ନି.ପ୍ର): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରାଣୀ ସମ୍ପଦ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଖେନ୍ଦୁ ରାୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ଓ ଉପଲବ୍ଧି ସମ୍ପର୍କରେ ଜିଲ୍ଲାପାଳଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ଏଥିସହ ୨୧ତମ ପଶୁଧନ ଗଣନାର ଜିଲ୍ଲାସ୍ତରୀୟ ତଥ୍ୟ ମଧ୍ୟ ଉପସ୍ଥାପିତ ହୋଇଥିଲା। ଗଣନା ଅନୁଯାୟୀ, ଜିଲ୍ଲାରେ ୮୦,୩୨୮ଟି ଗୋରୁ ଓ ୩୪,୦୩୨ଟି ଗାଈଙ୍କୁ ମିଶାଇ ମୋଟ ୧,୧୪,୩୬୦ଟି ଗୋ-ସମ୍ପଦ ରହିଛି। ଏଥିରୁ ଗାଈ ତୁଳନାରେ ଗୋରୁ ସଂଖ୍ୟା ଅଧିକ ଥିବା ଜଣାପଡ଼ିଛି।

ସେହିପରି ଜିଲ୍ଲାରେ ୪,୯୮୨ଟି ମଇଁଷି, ୩୫,୯୫୫ଟି ମେଣ୍ଢା, ୧,୦୧,୯୨୭ଟି ଛେଳି, ୩୫୩ଟି ଘୁଷୁରି ଓ ୪୫୧ଟି କୁକୁର ଥିବା ଗଣନାରୁ ଜଣାପଡ଼ିଛି।

ଏହି ଅବସରରେ ବିଭିନ୍ନ ପ୍ରାଣୀ ପାଳନ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଗ୍ରଣୀ ପ୍ରାଣୀ ପାଳକମାନଙ୍କୁ ଜିଲ୍ଲାପାଳ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ୩୦୦୦ କୁକୁଡ଼ା ପାଳନ ଯୋଜନାରେ ସିନାପାଲି ବ୍ଲକ୍ର ଫିରୋଜା ବେଗମ ଏବଂ ଗୋପାଳନ ଯୋଜନାରେ ବୋଡ଼େନ ବ୍ଲକ୍ର ଉଦେଲାଲ ବାଗଙ୍କୁ ସମ୍ମାନିତ କରାଯାଇଥିଲା।

ସେହିପରି ୩୦+୨ ମେଣ୍ଢା ପାଳନ ଯୋଜନାରେ କୋମନା ବ୍ଲକ୍ର ଶ୍ରୀମତୀ ହିରାବତୀ ପୁଞ୍ଜି, ଗୋପାଳନ ଯୋଜନାରେ ନୂଆପଡ଼ା ବ୍ଲକ୍ର ଶ୍ରୀ ଅଶୋକ କୁମାର ସାହୁ ଏବଂ କୁକୁଡ଼ା ପାଳନ ଯୋଜନାରେ ଖରିଆର ବ୍ଲକ୍ର ଶ୍ରୀମତୀ କମଳିନୀ ଜଗତଙ୍କୁ ମଧ୍ୟ ଜିଲ୍ଲାପାଳ ସମ୍ମାନିତ କରିଥିଲେ।

ବୈଠକରେ ଜିଲ୍ଲାପାଳ ଗୃହପାଳିତ ପ୍ରାଣୀମାନଙ୍କର ବୀମାକରଣ ଓ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଉନ୍ନତ ପ୍ରଣାଳୀରେ ଘାସ ଚାଷ କରି ପ୍ରାଣୀମାନଙ୍କୁ ପୌଷ୍ଟିକ ଖାଦ୍ୟ ଯୋଗାଇବା, ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଏବଂ ପ୍ରାଣୀ ପାଳନକୁ ଅଧିକ ଲାଭଜନକ କରି ଜିଲ୍ଲାର ପ୍ରାଣୀ ପାଳକମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ବ୍ଲକ୍ର ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସକ ଓ ସମ୍ମାନିତ ପ୍ରାଣୀ ପାଳକମାନେ ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ ବୈଠକ ସମାପ୍ତ ହୋଇଥିଲା।

## ଦଶମନ୍ତପୁରରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୨୨/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ଜନସାଧାରଣଙ୍କ ମୋଟ ୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୯ଟି ଗୋଷ୍ଠୀଗତ ଓ ୨୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଆର୍ଥିକ ସହାୟତା, ଘର ପଟ୍ଟା, ଜମିଜମା ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ, ରାସ୍ତା ଓ ଯାତାୟାତ, ବିଦ୍ୟୁତ ସରବରାହ ଆଦି ବିଭିନ୍ନ ସମସ୍ୟା ନେଇ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଉପସ୍ଥାପନ କରିଥିଲେ। ଏଥିମଧ୍ୟରୁ ୦୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

# ଗ୍ରୀଡ୍‌ରେ ମହଜୁଦ ରହିଛି ଖୁଂଟ : ତଥାପି ୩ ଦିନ ଧରି ବାରମ୍ବାର ବିଦ୍ୟୁତ୍ ବିଚ୍ୟୁତିରେ ହନ୍ତସନ୍ତ କୁଡୁମୁଲୁଗୁମା ବାସିନ୍ଦା

ମାଲକାନଗିରି,୨୨/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମା ଅଂଚଳରେ ବିଦ୍ୟୁତ୍ ସରବରାହରେ ଅନିୟମିତତା ଯୋଗୁଁ ଅଂଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଂଚଳବାସୀଙ୍କ କହିବା ଅନୁଯାୟୀ, ସେପଟ୍ଟେମ୍ବର ୧୮ ତାରିଖ ସନ୍ଧ୍ୟାରୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇ ୧୯ ତାରିଖ ରାତି ପ୍ରାୟ ୧୧ଟା ସମୟରେ ବିଦ୍ୟୁତ୍ ଆସିଥିଲା। ଏହାପରେ ୨୦ ତାରିଖରୁ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ପୂର୍ବ ସୂଚନା ବିନା ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ବିଦ୍ୟାଳୟର ପାଠପଢ଼ା, ଡାକ୍ତରଖାନାର ଚିକିତ୍ସା ସେବା, ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ କାମ ଏବଂ କୋର୍ଟ ସମ୍ପର୍କିତ କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସୂଚନା ଅନୁଯାୟୀ, କୁଡୁମୁଲୁଗୁମା ସହର ଠାରୁ ପ୍ରାୟ ୧ କିଲୋମିଟର ଏବଂ ବିଦ୍ୟୁତ୍ ଗ୍ରିଡ୍ ରୁ ପ୍ରାୟ ୨୦୦ ମିଟର ଦୂରରେ ଏକ ସିମେଂଟ ବିଦ୍ୟୁତ୍ ଖୁଂଟ ଭାଙ୍ଗିଯାଇଛି। ଏହି ଖୁଂଟ ପରିବର୍ତନ କରି ନୂତନ ଖୁଂଟ ପୋତି ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ୍ କରିବାକୁ ପ୍ରାୟ ଏକ ସପ୍ତାହ ସମୟ ଲାଗିପାରେ ବୋଲି ଟାଟା ପାୱାରର କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଛି। ବର୍ତମାନ ସାମୟିକ ଭାବେ ପ୍ରାୟ ୭ କିଲୋମିଟର ଦୂରର ଅନ୍ୟ ଏକ ଲାଇନ୍ ରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ସେହି ବ୍ୟବସ୍ଥାରେ ବାରମ୍ବାର ବିଦ୍ୟୁତ୍ ବ୍ୟାଘାତ ଘଟୁଥିବା କୁହାଯାଉଛି। କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ, ସେପଟ୍ଟେମ୍ବର ୨୩ ତାରିଖ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଯିବାର ଆଶା ରହିଛି। ନୂତନ ବିଦ୍ୟୁତ୍ ଖୁଂଟ ପହଂଚିବା ପରେ ଗାତ ଖୋଳିବା, ଖୁଂଟ ପୋତିବା ଏବଂ ବିଦ୍ୟୁତ୍ ତାର ସଂଯୋଗ କରିବା ପ୍ରକ୍ରିୟା ସମ୍ପନ୍ନ କରାଯିବ ବୋଲି ସେ କହିଛନ୍ତି।

ତେବେ ଗ୍ରାଉଣ୍ଡ ଜିରୋରେ ଯାଇ ଦେଖିବା ସମୟରେ ଗ୍ରିଡ୍ ପରିସରରେ ଅନେକ ସିମେଂଟ ବିଦ୍ୟୁତ୍ ଖୁଂଟ ପଡ଼ିରହିଥିବା ଦେଖାଯାଇଥିଲା। ଏପରି ସ୍ଥିତିରେ ଭାଙ୍ଗିଥିବା ଖୁଂଟ ପରିବର୍ତନ ପାଇଁ ଆବଶ୍ୟକ ପ୍ରକ୍ରିୟାରେ ବିଳମ୍ବ କାହିଁକି ହେଉଛି—ତାହାକୁ ନେଇ ଅଂଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବିଦ୍ୟୁତ୍ ସେବାରେ ଦୀର୍ଘ ସମୟର ବିଚ୍ଛିନ୍ନତା, ପୁନଃପୁନଃ ବିଦ୍ୟୁତ୍ କାଟ ଏବଂ ମରାମତିରେ ବିଳମ୍ବ ସମ୍ପର୍କରେ ଉପଭୋକ୍ତାମାନେ ସମ୍ପୃକ୍ତ ବିଦ୍ୟୁତ୍ ବିତରଣ କମ୍ପାନୀର ଅଭିଯୋଗ ନିରାକରଣ ବ୍ୟବସ୍ଥାରେ ଅଭିଯୋଗ ଦାଖଲ କରିପାରିବେ। ଆବଶ୍ୟକ ହେଲେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଉଚ୍ଚତର ଅଭିଯୋଗ ନିରାକରଣ ମଂଚର ମଧ୍ୟ ଆଶ୍ରୟ ନିଆଯାଇପାରେ।

ଏହି ପରିପ୍ରେକ୍ଷୀରେ ୨୩ ତାରିଖ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ଭବିଷ୍ୟତରେ ଏଭଳି ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ନହେବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଅଂଚଳବାସୀ ବିଦ୍ୟୁତ୍ ବିଭାଗ ଓ ଟାଟା ପାୱାର କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କୋକସରା ବ୍ଲକରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଭବାନୀପାଟଣା,୨୨/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି କୋକସରା ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଯୁଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତାରା ଜସ୍ମିନ୍ ଗୁଡ଼ିଆଙ୍କ ଯୁଗ୍ମ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଉପ ନିର୍ଦ୍ଦେଶକ ଯୋଜନା ଏବଂ ସ୍ୱମନ୍ୱୟ ଶ୍ରୀକାନ୍ତ ଦଳେଇ, ସି ଡି ଏମ ଓ ଡା. ହରେକୃଷ୍ଣ ଶତପଥୀ, ଗୋଷ୍ଠୀ ଉନ୍ନୟନ ଅଧିକାରି ଡଃ. ହିମାଞ୍ଚଳ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା।

# ନାଗପଡ଼ା ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ

ନୂଆପଡ଼ା,୨୨/୦୯ (ନି.ପ୍ର): ବୋଡ଼େନ ବ୍ଲକ ଅନ୍ତର୍ଗତ ନାଗପଡ଼ା ଗ୍ରାମ ପଂଚାୟତେର ଗ୍ରାମ ପଂଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସେଚତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱେର ଅାୟୋଜିତ ଏହି ଶିବିରେର ସ୍ଥାନୀୟ ଅଂଚଳେର ଉପଲବ୍ଧ ରୋଜଗାର ଓ ଜୀବିକା ସୁଯୋଗର ସଦୁପେଯାଗ କରି ପ୍ରବାସକୁ ଏଡ଼ାଇବା ପାଇଁ ଗ୍ରାମବାସୀଙ୍କୁ ସେଚତନ କରାଯାଇଥିଲା।

ଏହି ଅବସରେର ମୁଖ୍ୟ ଉନ୍ନୟନ ଅଧିକାରୀ ଲେୟାଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସେରେନ, ବନଖଣ୍ଡ ଅଧିକାରୀ, ପ୍ରାନ୍ତୀୟ ଆଜିଜ ଖାଁ, ବୋଡ଼େନ ବିଡିଓ ଚିନ୍ମୟ ସାଗର, ତହସିଲଦାର ସରିତା ଗୁପ୍ତା, ସ୍ଥାନୀୟ ସରପଂଚ ଗମ୍ଭୀର ତାଣ୍ଡିଙ୍କ ସେମତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥେ୍ଲ।

ଶିବିରେର ବିଭିନ୍ନ ବିଭାଗର ଅଧିକାରୀମେନ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ, କମର୍ନିଯୁକ୍ତି ମୂଳକ ଓ ଜୀବିକାଭିତିକ ଯୋଜନା ସମ୍ପକର୍େ ସୂଚନା େଦଇଥେ୍ଲ।

ଜିଲ୍ଲାପାଳ ଶ୍ରୀ ଦାଶ ନିଜ ଉେଦ୍ବାଧନେର ଭିବି-ଜି ରାମ-ଜି େସମତ ବିଭିନ୍ନ ସରକାରୀ ଯୋଜନେର କାର୍ଯ୍ୟ କରି ନିଜ ଗାେଁର ରହି ରୋଜଗାର ସୁେଯାଗର ଲାଭ େନବାକୁ ଗ୍ରାମବାସୀଙ୍କୁ ପରାମର୍ଶ େଦଇଥେ୍ଲ। ଏଥିସହ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ର ବ୍ୟବହାର ବନ୍ଦ କରିବା, ଶିଶୁ ଶ୍ରମକୁ ନିରୁତ୍ସାହିତ କରିବା ଏବଂ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ପାଇଁ ଜିଲ୍ଲାପାଳ ଅଭିଭାବକମାନଙ୍କୁ ଆହ୍ୱାନ େଦଇଥେ୍ଲ।

କାର୍ଯ୍ୟକ୍ରମର ଆରମ୍ଭେର 'ଝିଅ ପାଇଁ ଗଛଟିଏ' ଓ 'ଗଭର୍ସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅାୟୋଜିତ ହୋଇଥିଲା। ଜିଲ୍ଲାପାଳ ନବଜାତ କନ୍ୟାଶିଶୁ ରବୀନା ମାଝୀଙ୍କୁ େକାେଳର ଧରି ତାଙ୍କ ସୁସ୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥେ୍ଲ। ଏହି ଅବସରେର ଶିଶୁର ଅଭିଭାବକଙ୍କୁ ବୃକ୍ଷଚାରା ଓ ଉପହାର ପ୍ରଦାନ କରାଯାଇଥିଲା। 'ଗଭର୍ସ୍ଥ ଶିଶୁ ପାଇଁ ଦିନଟିଏ' ଅବସରେର ଗ୍ରାମର ୩ ଜଣ ଗଭର୍ବତୀ ମହିଳାଙ୍କୁ ଫଳ, ପନିପରିବା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଓ ଉପହାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଛାତ୍ରୀମାେନ ଗୀତ ଓ ନୃତ୍ୟ ମାଧ୍ୟମେର ବିଭିନ୍ନ ସେଚତନତାମୂଳକ ବାର୍ତା ପ୍ରଦାନ କରିଥେ୍ଲ।

ଏହି ଅବସରେର ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା େକ୍ଷତ୍ରେର ଉେଲ୍ଲଖନୀୟ ଅବଦାନ ପାଇଁ ୨ ଜଣଙ୍କୁ 'ସ୍ୱଚ୍ଛତା ଦୂତ ସମ୍ମାନ' ପ୍ରଦାନ କରାଯାଇଥିଲା।

ଜିଲ୍ଲାପାଳ ନାଗପଡ଼ା ଗ୍ରାମ ପଂଚାୟତର ମକରବିଲି ଗ୍ରାମର େଦବରାଜ ମାଝୀଙ୍କ ଘରକୁ ଯାଇ େସମାନଙ୍କ ସହ ଅାେଲାଚନା କରିଥେ୍ଲ। ଉଭେୟ ରୋଜଗାର ପାଇଁ ହାଇଦ୍ରାବାଦ ଯାଇ ଇଟା ତିଆରି କାରଖାନେର କାମ କରୁଥେ୍ଲକ୍ଷ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପେର ଏେବ େସମାେନ ପ୍ରବାସ ନକରି ନିଜ ଗାେଁର ରହି କାମ କରୁଛନ୍ତି। ସମାେନ ମନେରଗା/ଭିବି-ଜି ରାମ-ଜି ଅଧୀନେର ବିଭିନ୍ନ କାେର୍ଯ୍ୟର ନିେୟାଜିତ ହୋଇ ଦୈନିକ ମଜୁରି ମାଧ୍ୟମେର ରୋଜଗାର ପାଉଛନ୍ତି। ଜିଲ୍ଲାପାଳ ଶ୍ରୀ ଦାଶ େସମାନଙ୍କ ସହ ଅାେଲାଚନା କରିବା ସହ ସମସ୍ତ ଯୋଗ୍ୟ ସରକାରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିେଦ୍ଦର୍ଶ େଦଇଥେ୍ଲ।

କାର୍ଯ୍ୟକ୍ରମର େଶଷେର 'ପକ୍ଷୀ ପାଇଁ ଦିନଟିଏ' ଅଭିଯାନ ଅନ୍ତର୍ଗତ ପକ୍ଷୀମାନଙ୍କ ପାଇଁ ବାସସ୍ଥାନ, ଖାଦ୍ୟ ଓ ପାଣିର ବ୍ୟବସ୍ଥା କରାଯାଇଥିଲା।

# କାଶିପାଳରେ ବ୍ଲକସ୍ତରୀୟ ଖେଳ କୁଦ ପ୍ରତିଯୋଗିତା

କେନ୍ଦୁଝର,୨୨/୦୯ (ନି.ପ୍ର): ଚମ୍ପୁଆ ବ୍ଲକ କାଶିପାଳ ପଂଚାୟତ ଅନ୍ତର୍ଗତ ପଂଚାୟତ ହାଇସ୍କୁଲ, ଖେଳ ପଡିଆ ପରିସରରେ ୩ ଦିନ ଧରି ଚାଲିଥିବା ଚମ୍ପୁଆ ବ୍ଲକ ସ୍ତରୀୟ ଖେଳ କୁଦ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି । ୧୭ତାରିଖ ଗୁରୁବାର ଉଦଘାଟନୀ ଦିବସରେ କାଶିପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନେଶ୍ୱର ମହାନ୍ତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସହକାରୀ ଜିଲ୍ଲାପାଳ ସରୋଜ ରଞ୍ଜନ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଚମ୍ପୁଆ ଏ. ବି. ଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଡି. ପି. ଇ. ଓ -ରାମକୃଷ୍ଣ ବେହେରା, ଏ. ବି. ଓ ନରେନ୍ଦ୍ର କୁମାର ନାୟକ, ଜି. ଆର. ସି ଷ୍ଟେଟ କାଉନସିଲର ପ୍ରଶାନ୍ତ କୁମାର ପରିଡା ଏବଂ ଚମ୍ପୁଆ ବ୍ଲକ ସ୍କୁଲ ସ୍ପୋଟ ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ବେଜ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କ କ୍ରୀଡା ପ୍ରତିଭା ର ବିକାଶ ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନ ଖୋଖୋ,କବାଡି, ଆଥେଲେଟିକ ( ଦୌଡ କୁଦ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟଫୁଟ, ଜେଭଲିନ ଇତ୍ୟାଦି ), ଚେସ, ଯୋଗ ପ୍ରତିଯୋଗିତା ରେ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିବାବେଳେ ୨ୟ ଦିନ ଶୁକ୍ରବାର କ୍ରିକେଟ ଓ ଭଲିବଲ ପ୍ରତିଯୋଗିତା ହୋଇଥିଲା। ତୃତୀୟ ଦିନ ଅନ୍ତିମ ଦିବସ ଉଦଯାପନୀରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଫୁଟବଲ ଓ ବାଡ଼ମିଣ୍ଟନ ଖେଳ ହୋଇଥିଲା ଓ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଚମ୍ପୁଆ ବ୍ଲକ ର ୪ଟି ଜୋନ - ସଡ଼ଙ୍ଗୀ, କାଶିପାଳ, ଚମ୍ପୁଆ, ରିମୁଳି ଅନ୍ତର୍ଗତ ସମସ୍ତ ହାଇସ୍କୁଲ ର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇ ଖେଳକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ କାଶିପାଳ ହାଇସ୍କୁଲ ର ପ୍ରଧାନଶିକ୍ଷକ ଧନେଶ୍ୱର ମହାନ୍ତ, ସହକାରୀ ଶିକ୍ଷକ ଭକ୍ତବନ୍ଧୁ ମହାନ୍ତ, ଲଳିତା ନାଏକ, ସ୍ମିତା ଲାଗୁରୀ, ଲିପସାମୟୀ ନାଏକ, ଭବାନୀ ପାତ୍ର, ବେବିରାଣୀ ଗିରି, କଳ୍ପନା ସିଂହ, ଭକ୍ତବନ୍ଧୁ ନାଏକ, ପ୍ରଦୀପ କୁମାର ମହାନ୍ତ, ମିତ୍ରଭାନୁ ମହାନ୍ତ ଓ କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସାହୁ ଙ୍କ ସହଯୋଗୀତା ରେ ପରିଚାଳିତ ହୋଇଥିଲା।

# ଚିଲିକା ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା,୨୨/୦୯ (ନି.ପ୍ର): ଚିଲିକା ବ୍ଲକ ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପୁରୁଷୋତମ୍ ଦାସଙ୍କ ଅଧକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନ ଶୁଣାଣି ଶିବିରରେ ଉପଜିଲ୍ଲାପାଳ, ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ,ବି ଡି ଓ, ଚିଲିକା ପୁନମ ମହାପାତ୍ର, ତହସିଲଦାର ଏବଂ ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୪୩ଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଅଭିଯୋଗ ଶିବିରରେ ୬ ଟି ଅଭିଯୋଗର ତତ୍କାଳ ସମାଧାନ କରାଜାଇଥିଲା । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀ ଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଂଟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

# ନୁଆ ଏକ ଦୁନିଆର ସ୍ୱପ୍ନ ଦେଖାଉଛି 'ଶିକ୍ଷା ଚୌପାଲ'



ଉଦଳା , ୨୨/୯ (ନି.ପ୍ର): ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ବଂଚି ରହିବା ପାଇଁ ଶିକ୍ଷା ଆଜି ଅତ୍ୟାବଶ୍ୟକରେ ପରିଣତ ହୋଇଛି । ମୌଳିକ ସାକ୍ଷରତା ସହିତ ସଂଖ୍ୟାଜ୍ଞାନ ସମସ୍ତଙ୍କ ପାଇଁ ଜରୁରି ହୋଇପଡ଼ିଛି । ସମସ୍ତଙ୍କ ପାଇଁ ଶିକ୍ଷା ସ୍ଲୋଗାନର ବାସ୍ତବ ରୁପାୟନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଥିଲେ ମଧ୍ୟ ସେହିଭଳି କିଛି ଆଖିଦୃଷ୍ଟିଆ ପରିବର୍ତ୍ତନ ଦେଖିବାକୁ ଏ ପର୍ଯ୍ୟନ୍ତ ମିଳିନାହିଁ । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ଏହି ବୟସର ପିଲା ବହୁ ସଂଖ୍ୟାରେ ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । କିଛି ପିଲା ଅଧାରୁ ପାଠପଢ଼ା ଛାଡ଼ି ଦେଇଥିଲା ବେଳେ ଆଉ କିଛି ପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏହି ବୟସର ପିଲା ପାଠଠାରୁ ଦୁରେଇ ଯିବା ଦ୍ୱାରା ବାଲ୍ୟ ବିବାହ ଦ୍ରୁତ ଗତିରେ ବଢ଼ି ଚାଲିବା ସାଙ୍ଗକୁ ଦେଶକୁ ଭୟଙ୍କର ବିପଦ ଡ଼ାକି ଆଣୁଛି । କିଛି ପିଲା ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଚାଲି ଯାଉଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି । ଏଥିପାଇଁ କୌଣସି ସ୍ତରରେ ଅଙ୍କୁଶ ଥିବା ପରି ଆଦୌ ମନେ ହେଉନାହିଁ । ସେହିପରି ବାପା ମା' ଛେଉଣ୍ଡ ଓ ଦିବ୍ୟାଙ୍ଗ ପିଲାଙ୍କ ଦୁଃଖ କହିଲେ ନସରେ । ଉପଯୁକ୍ତ ଯତ୍ନ ଅଭାବରୁ ସେମାନେ ଯେଉଁ ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛନ୍ତି ଏହାକୁ ଭାଷାରେ ବ୍ୟକ୍ତ କରିହେବ ନାହିଁ । ଏପରିକି ଦରିଦ୍ର ଘରର ପିଲାମାନେ ବିଦ୍ୟାଳୟକୁ ଆସୁଛନ୍ତି କେବଳ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ । ଘରେ ଖାଇବାକୁ ମିଳୁନଥିବାରୁ ଏହି ପିଲାମାନେ ଉପବାସରେ ଥାଆନ୍ତି । ଭୋକିଲା ପେଟରେ ଥିବା ପିଲାଙ୍କୁ ପାଠ ପଢ଼ାଇବା ଖୁବ୍ କଷ୍ଟକର ହୋଇପଡ଼ିଥାଏ । ବିଦ୍ୟାଳୟରୁ ମିଳିଥିବା ପୋଷାକ ଏହି ପିଲାଙ୍କର ଏକମାତ୍ର ପୋଷାକ ହୋଇଥିବାରୁ ଉକ୍ତ ପୋଷାକ ପିନ୍ଧି ପିଲାଏ ଗାଁ ଦାଣ୍ଡରେ ବୁଲନ୍ତି ଓ ଖେଳନ୍ତି । ପୁଣି ସେହି ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସନ୍ତି । ଏହିଭଳି ପିଲା ଶହ ଶହ ସଂଖ୍ୟାରେ ଏବେ ଦେଖିବାକୁ ମିଳୁଛନ୍ତି । ଏହିସବୁ ସମସ୍ୟାକୁ ସରକାରଙ୍କ ନଜରକୁ ଆଣିବା ସହିତ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଆତ୍ମଶକ୍ତି ଟ୍ରଷ୍ଟ, ମନ୍ତ୍ରା ଫର ଚେଂଜ ଓ ଶିକ୍ଷାଗ୍ରହ ମିଳିତ ଭାବରେ ମୟୂରଭଂଜ ସମେତ ଓଡ଼ିଶାର ୯ଗୋଟି ଜିଲ୍ଲା ଯଥା- (ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ବଲାଙ୍ଗିର, ନୁଆପଡ଼ା, କଳାହାଣ୍ଡି, କନ୍ଧମାଳ, କରାପୁଟ ଓ ନୟାଗଡ଼)ରେ 'ଶିକ୍ଷା ଚୌପାଲ'ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସ୍ୱେଚ୍ଛାସେବି ହେନାରାଣି ନାୟକ ଓ ମନୋଜ ସାମନ୍ତରାୟ ଏହାର ନେତୃତ୍ୱ ନେବା ସହିତ ଉକ୍ତ କାର୍ଯ୍ୟକ୍ରମ ଏକ ନୁଆ ଦୁନିଆଁର ସ୍ୱପ୍ନ ଦେଖାଉଛି ବୋଲି ବ୍ୟକ୍ତ କରିଛନ୍ତି । ଏହାର ସଫଳ ରୁପାୟନ ପାଇଁ ନିୟୋଜିତ ଥିବା ସ୍ୱେଚ୍ଛାସେବି ମାନଙ୍କୁ ଉର୍ମି ଲିଡ଼ର କୁହାଯାଉଛି । ସସ୍ମିତା ମଲିକ, ଗୀତାଜଂଳି ମହାନ୍ତି, କଲ୍ୟାଣି ଦାସ, ସ୍ୱର୍ଣ୍ଣଲତା ନାୟକ, ଲକ୍ଷ୍ମୀ ବାଗ, ରିନା ବେହେରା ପ୍ରମୁଖ ଏହି ଅଭିଯାନକୁ ସଫଳ କରିବା ପାଇଁ ଉଦ୍ୟମ ଚଳାଇଥିବାର ଜଣାଯାଇଛି । ମୟୂରଭଂଜ ଜିଲ୍ଲାରେ ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ 'ଶିକ୍ଷା ଚୌପାଲ' ଆୟୋଜନର ଦାୟିତ୍ୱ ନେଇଥିବା ବେଳେ ସସ୍ମିତା, ମଂଜୁଲତା, ସାଉଁରି, ମମତା, ମୋନାଲି ଓ ଅବନ୍ତି ଉର୍ମି ଲିଡ଼ର ଭାବେ କାର୍ଯ୍ୟ କରୁଛନ୍ତି ।

## ଏସୀୟ କ୍ରୀଡ଼ାରେ ଭାଗନେଇ ଇତିହାସ ରଚିବେ ମୟୂରଭଞ୍ଜ ଫ୍ୟୁଚର ଷ୍ଟାରର ଝିଅ ସନ୍ଧ୍ୟାରାଣୀ




ବାରିପଦା , ୨୨/୯ (ନି.ପ୍ର): ପ୍ରତିକୂଳ ପରିସ୍ଥିତି ଏବଂ ଆର୍ଥିକ ଅନଟନ କେବେ ବି ପ୍ରତିଭାର ପ୍ରତିବନ୍ଧକ ସାଜି ପାରେନି, ଏହା ପୁଣିଥରେ ପ୍ରମାଣିତ କରିଛନ୍ତି ମୟୂରଭଞ୍ଜ ଜିଲ୍ଲାର ପ୍ରତିଭାବାନ ଖେଳାଳି ସନ୍ଧ୍ୟାରାଣୀ ଟୁଡୁ । ସଂଘର୍ଷର ପାହାଡ଼ ଚଢ଼ି ସେ ଏବେ ସିଧାସଳଖ ଆନ୍ତର୍ଜାତୀୟ କ୍ରୀଡ଼ା ମହାକୁମ୍ଭ, ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ମହିଳା ରଗବୀ ଦଳରେ ସ୍ଥାନ ପାଇଛନ୍ତି ଓ ଆସନ୍ତା ଅକ୍ଟୋବର ୧ ରୁ ୩, ୨୦୨୬ ପର୍ଯ୍ୟନ୍ତ ଜାପାନର ନାଗୋୟା ସହର ସ୍ଥିତ ମିଜୁହୋ ପାର୍କ ରଗବୀ ଫିଲ୍ଡ ଠାରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଷ୍ଠିତ କ୍ରୀଡ଼ା ମହାକୁମ୍ଭରେ ସେ ଦେଶର ପତାକା ଉଡ଼ାଇବେ । ମୟୂରଭଞ୍ଜର ଏକ ସାଧାରଣ ପରିବାରୁ ଆସିଥିବା ସନ୍ଧ୍ୟାରାଣୀଙ୍କ ଏହି ସଫଳତା ପଛରେ ରହିଛି ବାରିପଦା ସ୍ଥିତ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରଶିକ୍ଷଣ ଏବଂ ସମର୍ଥନ ଓ ଅଭାବ ଅସୁବିଧା ଏବଂ ସୀମିତ ସୟଳ କେବେ ବି ତାଙ୍କ ଲକ୍ଷ୍ୟ ପଥରେ ବାଧା ସାଜିପାରି ନଥିଲା । ନିଜର ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସେ ଜାତୀୟ ରଗବୀ ଦଳରେ ନିଜର ସ୍ଥାନ ବଜାୟ ରଖି ପାରିଛନ୍ତି ଓ ଅଲିମ୍ପିକ୍ସ ପରେ ଏସୀୟ କ୍ରୀଡ଼ା ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ ବହୁ-କ୍ରୀଡ଼ା ମହାକୁମ୍ଭ ଓ 'ଏସିଆଡ୍' ଭାବେ ପରିଚିତ ଏହି ପ୍ରତିଯୋଗିତା ଏସିଆ ମହାଦେଶର ସବୁଠୁ ବଡ଼ କ୍ରୀଡ଼ା ଆୟୋଜନ ଅଟେ, ଯାହାକୁ 'ଓଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ' ଦ୍ୱାରା ପରିଚାଳନା କରାଯାଇଥାଏ ଓ ଏଭଳି ଏକ ବିଶ୍ୱସ୍ତରୀୟ ମଞ୍ଚରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରତିଭା ଭାରତକୁ ପ୍ରତିନିଧିତ୍ୱ କରିବା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ଓ ସନ୍ଧ୍ୟାରାଣୀଙ୍କ ଏହି ଅସାଧାରଣ ସଫଳତା ପାଇଁ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ, ରାଜକିଶୋର ପାତ୍ର ଓ ଅଜିତ କୁମାର ହାଁସଦା ଶୁଭେଚ୍ଛା ଜଣାଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସେବା ସଂକଳ୍ପ ଅଭିଯାନରେ ରକ୍ତଦାନ ଶିବିର: ୩୫ ୟୁନିଟ୍ ସଂଗୃହୀତ

ମାଲକାନଗିରି, ୨୨/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ବିଜେପି ପକ୍ଷରୁ ଆୟୋଜିତ ସେବା ସଂକଳ୍ପ ଅଭିଯାନ ଅବସରରେ ମାଲକାନଗିରି ଜିଲ୍ଲା କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହି କାର୍ଯ୍ୟକ୍ରମକୁ କାଲିମେଲା ବିଡିଓ ପ୍ରଦୀପ କୁମାର କର, ବିଜେପି ଜିଲ୍ଲା ଉପ-ସଭାପତି ଭବାନୀ ଶଙ୍କର ମୁଖାର୍ଜୀ ଏବଂ କାଲିମେଲା ବିଧାୟକଙ୍କ ପ୍ରତିନିଧି ହରବିଲାସ ମଣ୍ଡଳ ମିଳିତ ଭାବେ ଉଦ୍ଘାଟନ କରିଥିଲେ । ରକ୍ତଦାନ ମହତ ଦାନ ଏବଂ ଏହା ଦ୍ୱାରା ବହୁ ଅସହାୟ ରୋଗୀଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ । କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଦୀନବନ୍ଧୁ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଶିବିରର ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

## ତିନି ଭିନ୍ନକ୍ଷମଙ୍କ ଖାତାକୁ ଗଲା ୧,୫୮,୭୦୦ ଅଧିକ ଭତ୍ତା

### ଭିନ୍ନକ୍ଷମ ରମେଶଙ୍କୁ ୪ ମାସ ହେଲା ମିଳୁନି ଭତ୍ତା
### କର୍ମଚାରୀଙ୍କ ଅବହେଳା ନା କମ୍ପ୍ୟୁଟର ତ୍ରୁଟି: ତଦନ୍ତ ଦାବି

ବାଲିଆପାଳ , ୨୨/୯ (ନି.ପ୍ର): ସରକାରୀ କାର୍ଯ୍ୟକୁ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭୁଲ କରିବା ପାଇଁ ବର୍ତ୍ତମାନ ବିଭିନ୍ନ ବିଭାଗରେ କମ୍ପ୍ୟୁଟରୀକରଣ କରାଯାଇଛି । ତେବେ କମ୍ପ୍ୟୁଟର ଜନିତ ତ୍ରୁଟି ଦର୍ଶାଇ ଭିନ୍ନକ୍ଷମ ହିତାଧିକାରୀଙ୍କ ଖାତାକୁ ନିର୍ଦ୍ଧାରିତ ଭତ୍ତାଠାରୁ ଲକ୍ଷାଧିକ ଟଙ୍କା ଅଧିକ ପ୍ରଦାନ ହେବା ଏବଂ ଅନ୍ୟପଟେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀ ମାସ ମାସ ଧରି ଭତ୍ତାରୁ ବଞ୍ଚିତ ହେବା ଘଟଣା ପ୍ରଶାସନିକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛିଏଭଳି ଅଭିଯୋଗ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ ନେଇ ଆସିଛି । ଅଭିଯୋଗ ଅନୁଯାୟୀ, ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ୩,୫୦୦ ବର୍ଦ୍ଧିତ ଭତ୍ତା ଯୋଜନା ରହିଛି । ଦେଭୋଗ ଗ୍ରାମପଞ୍ଚାୟତ ଦାନ୍ତୁଣିଦା ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ରମେଶ ଦଳାଇ ପୂର୍ବରୁ ୟୁଡିଆଇଡି ସମସ୍ୟା ଯୋଗୁଁ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିଲେ । ସାମାଜିକ କର୍ମୀ ରାଜକିଶୋର ପାତ୍ର ତାଙ୍କ ସମସ୍ୟା ଜାଣିବା ପରେ ପ୍ରଶାସନର ସହଯୋଗରେ ରମେଶଙ୍କୁ ଶତପ୍ରତିଶତ ଭିନ୍ନକ୍ଷମ ୟୁଡିଆଇଡି ପ୍ରମାଣପତ୍ର ପାଇବାରେ ସହାୟତା କରିଥିଲେ । ପରେ ଯୁବନେତା ସୁବାସ ନାୟକ ଆବଶ୍ୟକ ଦସ୍ତାବିଜ ବ୍ଲକ ସାମାଜିକ ସୁରକ୍ଷା ବିଭାଗରେ ଦାଖଲ କରିଥିଲେ । ଏହାପରେ ମେ' ୨୦୨୬ରୁ ରମେଶଙ୍କୁ ୩,୫୦୦ ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା । କିନ୍ତୁ ଅଭିଯୋଗ ଅନୁଯାୟୀ, ତାଙ୍କ ଅଗୋଚରରେ ତାଙ୍କ ବ୍ୟାଙ୍କ ଖାତାକୁ । ୫୬,୪୦୦ ପଠାଯାଇଥିଲା । ପରେ ଘଟଣା ପଦାକୁ ଆସିବା ପରେ ବିଭାଗର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସ ନିଜର ଭୁଲ୍ ଘୋଡ଼ାଇବାକୁ ଯାଇ ରମେଶଙ୍କୁ ଭେଟି ଭୁଲରେ ?୫୨,୯୦୦ ଅଧିକ ଯାଇଥିବା କହିବା ସହ ବ୍ୟାଙ୍କରୁ ଟଙ୍କା ଉଠାଇ ନଗଦ ଆକାରରେ ଫେରାଇବାକୁ କହିଥିବା ଅଭିଯୋଗ ହୋଇଛି । ଟଙ୍କା ଫେରସ୍ତ ନକଲେ ଆଗକୁ ଭତ୍ତା ମିଳିବ ନାହିଁ ବୋଲି ତାଗିଦ କରାଯାଇଥିବା ମଧ୍ୟ ଅଭିଯୋଗ ରହିଛି । କେବଳ ରମେଶ ନୁହନ୍ତି, ବେତଗଡ଼ିଆ ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ମଧୁପୁରା ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ହରେକୃଷ୍ଣ ଜେନାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପ୍ରକାର ଅଧିକ ଟଙ୍କା ପ୍ରଦାନ ହୋଇଥିବା ଅଭିଯୋଗ ହୋଇଛି । ଏହି ତିନି ହିତାଧିକାରୀ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତରୁ ନଗଦ ଆକାରରେ ଭତ୍ତା ପାଉଥିଲେ । ଅଭିଯୋଗ ଅନୁଯାୟୀ, ପରେ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରାଯିବା ସମୟରେ ଗତ ଫେବୃଆରୀ ୨୦୨୫ରୁ ମେ' ୨୦୨୬ ପର୍ଯ୍ୟନ୍ତ ବକେୟା ଭତ୍ତା ଭାବେ ପ୍ରତ୍ୟେକଙ୍କ ଖାତାକୁ ୫୬,୪୦୦ ଲେଖାଏଁ ପଠାଯାଇଥିଲା । ତିନିଜଣଙ୍କ ମିଶି ମୋଟ ୧,୬୯,୨୦୦ ପ୍ରଦାନ ହୋଇଥିବାବେଳେ, ନିର୍ଦ୍ଧାରିତ ଭତ୍ତା ସହ ତୁଳନା କଲେ ୧,୫୮,୭୦୦ ଅଧିକ ପ୍ରଦାନ ହୋଇଥିବା ଦାବି କରାଯାଉଛି । ଯଦି ଘଟଣାଟି କମ୍ପ୍ୟୁଟର ଜନିତ ତ୍ରୁଟି, ତେବେ ତିନିଜଣ ହିତାଧିକାରୀଙ୍କ ଖାତାକୁ ସମାନ ଭାବରେ ଅଧିକ ଅର୍ଥ କିପରି ଗଲା ? ଭତ୍ତା ପ୍ରଦାନ ପୂର୍ବରୁ ତଥ୍ୟ ଯାଞ୍ଚ ଓ ଅନୁମୋଦନ କେଉଁ ସ୍ତରରେ ହୋଇଥିଲା ? ଅଧିକ ଟଙ୍କା ଫେରସ୍ତ ପାଇଁ ବିଭାଗୀୟ ନିୟମ କ'ଣ ? ହିତାଧିକାରୀଙ୍କୁ ନଗଦ ଟଙ୍କା ଫେରାଇବାକୁ କୁହାଯାଇଥିଲା କି ? ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଏବେ ଆବଶ୍ୟକ ହୋଇପଡ଼ିଛି । ଏହା ସହିତ ରମେଶ ଦଳାଇଙ୍କୁ ଗତ ୪ ମାସ ଧରି ନିୟମିତ ଭତ୍ତା କାହିଁକି ମିଳୁନାହିଁ, ଉକ୍ତ ନଗଦ ଟଙ୍କା ଆଦାୟ କରିବା ଓ ଭତ୍ତା ବନ୍ଦ କରିବାର କୌଣସି ଲିଖିତ ନିର୍ଦ୍ଦେଶ ରହିଛି କି ଏବଂ ଥିଲେ ତାହାର ଆଧାର କ'ଣ—ତାହା ମଧ୍ୟ ତଦନ୍ତର ବିଷୟ ହୋଇଛି । ଏନେଇ ବାଲିଆପାଳ ବ୍ଲକ ର ତତ୍କାଳୀନ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁଙ୍କୁ ପଚାରିବାରୁ, ଘଟଣାଟି ତାଙ୍କ ଅଜାଣତରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶ୍ରୀ ଦାସଙ୍କ ଦ୍ୱାରା ହୋଇଥିବା ସେ କହିଛନ୍ତି ଏବଂ ଏ ବିଷୟରେ ସେ ବିଡିଓଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପଟେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶ୍ରୀ ଦାସଙ୍କୁ ପଚାରିବାରୁ, ଏହା କମ୍ପ୍ୟୁଟର ଜନିତ ତ୍ରୁଟି ବୋଲି ସେ ପ୍ରକାଶ କରିଥିବା ଜଣାପଡ଼ିଛି । ହେଲେ ପ୍ରଶ୍ନ ଉଠୁଛି ଯଦି କମ୍ପ୍ୟୁଟର ଜନିତ ତ୍ରୁଟି ଏ ବିଷୟରେ ଶ୍ରୀ ଦାସ ତତ୍କାଳୀନ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବଗତ ନ କରି କାହା ନିର୍ଦ୍ଦେଶରେ ଉକ୍ତ ହିତାଧିକାରୀ ମାନଙ୍କୁ ବ୍ୟକ୍ତଗତ ଭାବରେ ଭେଟି ସେ ଟଙ୍କାକୁ କେବଳ ନଗଦ ଆକାରରେ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ ? ଭିନ୍ନକ୍ଷମଙ୍କ ଭତ୍ତା ବନ୍ଦ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ ? ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକର ବିଡ଼ିଓ ରାଧାରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏବିଷୟରେ ଅବଗତ ଅଛନ୍ତି କହିବା ସହ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସ ଙ୍କ କାର୍ଯ୍ୟକଳାପ ବିଷୟରେ ଜିଲ୍ଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଶ୍ରୀ ଦାସଙ୍କ ଭୁଲ କୁ ଘଣ୍ଟ ଘୋଡାଉଛି କିଏ ? କଣ ଭବେଶ ବାବୁ ଭିନ୍ନକ୍ଷମ ନାମରେ ଆଦାୟ ହେଉଥିବା ଟଙ୍କାକୁ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ଆଡୁଆଳରେ ଉଜାଡି ଦେଉଥିଲେ ? କଣ ଏହି ଦୁର୍ନୀତିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲ୍ଲା ସ୍ତରରୁ ବ୍ଲକ ପର୍ଯ୍ୟନ୍ତ କର୍ମଚାରୀ ସାମିଲ ଅଛନ୍ତି ? ତେବେ ଭିନ୍ନକ୍ଷମ ହିତାଧିକାରୀଙ୍କ ଅଧିକାର ଓ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଘଟଣାର ନିରପେକ୍ଷ ତଦନ୍ତ, ଅଧିକ ପ୍ରଦାନ ହୋଇଥିବା ଅର୍ଥ ଫେରସ୍ତ ପାଇଁ ନିୟମସମ୍ମତ ପ୍ରକ୍ରିୟା ଏବଂ ରମେଶଙ୍କ ସମେତ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଭତ୍ତା ପ୍ରଦାନ ପାଇଁ ସାମାଜିକ କର୍ମୀ ରାଜକିଶୋର ପାତ୍ର ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତ ।

## ତିନିଦିନ ଯାଏ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସ୍କୁଲ ବନ୍ଦ

ଭୁବନେଶ୍ୱର, ୨୨/୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ତା. ୨୨.୦୯.୨୦୨୬ ରିଖ ଠାରୁ ତା.୨୪.୦୯.୨୦୨୬ରିଖ ପର୍ଯ୍ୟନ୍ତ ତିନିଦିନ ଧରି ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟ ଗୁଡିକ ବନ୍ଦ ରହିବ । ସେହିଭଳି ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏହି ତିନି ଦିନ ବନ୍ଦ ରହିବା ନେଇ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି । ଜିଲ୍ଲାରେ ଲଘୁଚାପ ଜନିତ ସମ୍ଭାବ୍ୟ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ବନ୍ଦ ରହିବା ପାଇଁ ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଆଜି ହେବାକୁ ଥିବା ପୂର୍ବ ନିର୍ଦ୍ଧାରିତ ଏନଆରଟିଏସ ପରୀକ୍ଷା ଅନୁଷ୍ଠିତ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗଭୀର ଅବପାତରେ ପରିଣତ...

ସହିତ ଡାଳ ଭାଙ୍ଗିବ ବିଶେଷକରି ପନିପରିବା ଗଛ କ୍ଷତି ହେବାର ସମ୍ଭାବନା ରହିଛି । ପୁରୁଣା ମାଟି ଘର ଭାଙ୍ଗି ଯାଇପାରେ । ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ଜୋରରେ ହେଉଛି । ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି ଓଗଡ଼ ଡିଜି ସୂଚନା କହିଥିଲେ । ସେ ଆହୁରି କହିଥିଲେ, ୨୪ ବେଳକୁ ଉପକୂଳରେ ବର୍ଷା କମିବ, ଆଭ୍ୟନ୍ତରରେ ଅଧିକ ବର୍ଷିବ । କ୍ରମଶଃ ଉତ୍ତର ଉତ୍ତରପଶ୍ଚିମ ହୋଇ ଛତିଶଗଡ଼ ଅଭିମୁଖେ ଯିବ । ବର୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ରେଡ୍, ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଜିଠାରୁ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ତଥା କିଛି ସ୍ଥାନରେ ଅତିଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

### ବିଧାନସଭା ଆରମ୍ଭରୁ ...

ଫଳରେ ବାଚସ୍ପତି ଗୃହକୁ ୧୧.୩୮ମିନିଟରେ ଦିନ ୧ଟା ୧୦ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ତେବେ ଗୃହ ପୁଣିଥରେ ୧ଟା ୧୦ମିନିଟରେ ଆରମ୍ଭ ହେବାମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ପ୍ରବଳ ହଟ୍ଟଗୋଳ କରିଥିଲେ । ଗୃହ ପରିଚାଳନା ସମ୍ଭବପର ନହେବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧ଟା ୧୧ମିନିଟରେ ପୁଣିଥରେ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଗୃହ ମୁଲତବୀ ହେବାପରେ ବିଜେଡି ବିଧାୟକମାନେ ଚାଲିଚାଲି ଲୋୟର ପିଏମଜିଠାରେ ଧାରଣାସ୍ଥଳକୁ ଯାଇ ବିଜେଡିର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ ଯେ, ବିଜେପି ସରକାରର ମନ୍ତ୍ରୀମାନେ କାଲ, ମୂକ ଓ ବଧିର ସାଜିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ସାଂଘାତିକ ଭୁଲ ରହିବା, ଓଡ଼ିଶା ବିଧାନସଭାର ଭୁଲ ଫଟୋ ଛାପିବା ଓ ଓଡ଼ିଆ ବର୍ଣ୍ଣମାଳା ବିଭ୍ରାଟ ଯୋଗୁ କୋଟିକୋଟି ଟଙ୍କା ପାଣିରେ ପଡ଼ିଥିଲେ ମଧ୍ୟ ସରକାର କେବଳ ଅଫିସରଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଚେଷ୍ଟା କରୁଛନ୍ତି । ଏହାର ନୈତିକ ଉତ୍ତରଦାୟିତ୍ୱ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଅନ୍ତୁ ଓ ସେ ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

### ଆଇପିଏସ ସ୍ତରରେ ...

ଅଧିକ ଚର୍ଚ୍ଚାରେ ରହିଆସିଛନ୍ତି ଆଇପିଏସ୍ ସର୍ବଣା ବିବେକ ଏମ୍ । କାରଣ ଏହି ମାମଲାରେ ସେ ଜଣେ ହାଇପ୍ରୋଫାଇଲ ବିଜେଡି ନେତା ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅଭିଯୁକ୍ତ କରାଯାଇଛି ଓ ସେ ଗିରଫ ହୋଇ ଜେଲ୍‌ରେ ପ୍ରାୟ ୧୦ ମାସ ରହିବା ପରେ ଜାମିନ୍‌ରେ ଆସିଛନ୍ତି ।

### ଜାତିସଂଘ ସୁରକ୍ଷା ପରିଷଦରେ...

ବ୍ରିଟେନ ମଧ୍ୟ ପରିଷଦର ବିସ୍ତାର ଏବଂ ଭାରତର ଅନ୍ତର୍ଭୁକ୍ତିକୁ ସମର୍ଥନ କରିଛି । ଦୀର୍ଘକାଳୀନ ବନ୍ଧୁ ରୁଷ ମଧ୍ୟ ଏଥିରେ ସାମିଲ ଅଛି । ଏହି ସମୟରେ, ଆମେରିକା ନୀତିଗତ ଭାବରେ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ କରିଛି । ଭାରତ ମଧ୍ୟ ବ୍ରାଜିଲ, ଜର୍ମାନୀ ଏବଂ ଜାପାନ ସହିତ ଜ-୪ ଗୋଷ୍ଠୀର ଅଂଶ । ଏହି ଚାରିଟି ଦେଶ ଜାତିସଂଘ ସୁରକ୍ଷା ପରିଷଦ ସମ୍ପ୍ରସାରଣକୁ ସମର୍ଥନ କରିବା ସହ ସ୍ଥାୟୀ ସଦସ୍ୟତା ପାଇଁ ପରସ୍ପରର ଦାବିକୁ ସମର୍ଥନ କରୁଛନ୍ତି ।

### ପଞ୍ଚାୟତ ନିର୍ବାହୀ...

ସେହିପରି ଗାଇସିଲେଟରେ ତାଙ୍କର ଏକ ୪ ମହଲା କୋଠା ନିର୍ମାଣାଧୀନ ରହିଛି । କନ୍ଦାଗାଡ଼ରେ ତାଙ୍କର ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି । ଏହା ୨୪୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି । ସେହିପରି ସେଠାରେ ତାଙ୍କ ଏକ ଗୋଦାମ ଅଛି, ଯାହା ୧୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି । ତାଙ୍କର ପ୍ଲଟଗୁଡ଼ିକ ଗାଇସିଲେଟ ଓ କନ୍ଦାଗାଡ଼ରେ ଅଛି । ଏଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି । ଏସବୁ ବାଦ୍ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ରହିଛି । ସେଗୁଡ଼ିକର ଯାଞ୍ଚ ଜାରି ରହିଛି ।

## ହିନ୍ଦୀ ଦିବସ ଅବସରରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସଭା ଓ କାର୍ଯ୍ୟକ୍ରମ




ବସ୍ତା , ୨୨/୯ (ନି.ପ୍ର): ୧୯୪୯ ମସିହାଠାରୁ ହିନ୍ଦୀ କୁ ରାଷ୍ଟ୍ର ଭାଷାର ମାନ୍ୟତା ଦେଇ ସାରାଦେଶରେ ସେପଟ୍ମେର ୧୪ ରୁ ୨୧ ପର୍ଯ୍ୟନ୍ତ' ହିନ୍ଦୀ ସପ୍ତାହ' ପାଳନ କରା ହୋଇ ଆସୁଅଛି । ଏହି ଅବସରରେ ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଯାଇଅଛି । ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜଳେଶ୍ୱର ର ହିନ୍ଦୀ ଅଧ୍ୟାପକ କ୍ଷଣଦା ବଲ୍ଲଭ ନାୟକ ହିନ୍ଦୀ ଭାଷାର ମହନୀୟତା ଓ ଜାତୀୟ ସଂହତି ଏକତା ପାଇଁ ଏହାର ଅପରିହାର୍ଯ୍ୟତା ଉପରେ ସାର ଗର୍ଭକ ଉଦବୋଧନ ଦେଇଥିଲେ । ଅନ୍ୟତମ ବକ୍ତା ଅନୁଷ୍ଠାନର ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କିଭଳି ପ୍ରଥମ ଥର ମିଳିତ ଜାତିସଂଘ ରେ ହିନ୍ଦୀରେ ଭାଷଣ ଦେଇଥିଲେ ତାହା ବର୍ଣ୍ଣନା କରିବା ସହ ବାଜପେୟୀଙ୍କ ରଚିତ କବିତା ପାଠ କରିଥିଲେ । ସଦସ୍ୟ କୁମୁଦ ରଞ୍ଜନ ଗିରି ପ୍ରାକ ସୂଚନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ସଂଗୀତ, ଭାଷଣ ଓ ଅଭିନୟ ପ୍ରସ୍ତୁତ କରିଥିଲେ । ଗୁରୁମା ସୁଶାନ୍ତିଲତା ବେହେରା ଓ ନମିତା ଦାସ ମଞ୍ଚ ପରିଚାଳନା କରିଥିଲେ । ଉପ ପ୍ରଧାନଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ଆଳି ବ୍ଲକ ବିଜେଡି ସଭାପତି ହେଲେ ଭୀଷ୍ମ ମହାନ୍ତି: ବିଜେଡି ଶିବିରରେ ଖୁସିର ମାହୋଲ



ଆଳି, ୨୨/୯ (ନି.ପ୍ର): ଆଳି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ସଙ୍ଗଠକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି ଆଳି ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ମନୋନୀତ ହୋଇଛନ୍ତି । ଯାହା ଫଳରେ ଆଳି ବ୍ଲକ ବିଜୁଜନତା ଦଳ ଶିବିରରେ ଖୁସିର ଲହରୀ ଖେଳିଯାଇଛି । ଭୀଷ୍ମ ମହାନ୍ତି ଛାତ୍ର ଜୀବନରୁ ଅଣକଂଗ୍ରେସ ରାଜନୀତିରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ତତ୍କାଳୀନ ଆଳିର ବିଧାୟିକା ସ୍ୱର୍ଗତ ସୁଶ୍ରୀ ଦେବୀଙ୍କ ସମୟରୁ ସେ ସକ୍ରିୟ ରାଜନୀତିରେ ରହିଛନ୍ତି । ଦୀର୍ଘ ଚାରି ଦଶନ୍ଧି ହେବ ଅଣକଂଗ୍ରେସ ରାଜନୈତିକ ସଙ୍ଗଠକ ଭାବରେ ଆଳି ନିର୍ବାଚନ ମଣ୍ଡଳୀ ସମେତ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ପରିଚିତ ଥିଲେ । ଭୀଷ୍ମ ନିଜେ ଏବେ ଆଳି ନିର୍ବାଚନ ମଣ୍ଡଳୀର ଦୁଇ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ସହିତ ଜିଲ୍ଲା ପରିଷଦ ଉପାଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ଏବେ ସେ ଆଳି ବ୍ଲକ ବିଜୁଜନତା ଦଳର ସଭାପତି ହେବା ପରେ ଆଳି ବିଜେଡି ଶିବିରରେ ଖୁସିର ଲହରୀ ଖେଳି ଯାଇଛି । ଦଳ ପକ୍ଷରୁ ଏହି ଦାୟିତ୍ୱ ମିଳିବା ପରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଦଳ ପକ୍ଷରୁ ଦିଆ ଯାଇଥିବା ଗୁରୁଦାୟିତ୍ୱକୁ ପୂରଣ କରିବା ସହିତ ଦଳୀୟ ସଙ୍ଗଠନ ବୃଦ୍ଧି ହେବା କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଭୀଷ୍ମଙ୍କୁ ସଭାପତି ପଦବୀ ମିଳିବା ପରେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ କନକଲତା ବେହେରା, ଜୟରାମ ସାହୁ, ସ୍ୱାଗତିକା ରାଉତ, କେଦାରନାଥ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ବିଜେଡିର ପଞ୍ଚାୟତ ସଂଗଠକ,ଛାତ୍ର ସଂଗଠକଙ୍କ ସମେତ ବିଭିନ୍ନ ମହଲରୁ ଭୀଷ୍ମଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ବୁଧବାର, ସେପ୍ଟେମ୍ବର ୨୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାହାଣୀ କପ ଫୁଟବଲ ଚାମ୍ପିୟାନସିପ୍ ପାଇଁ ମୟୁରଭଞ୍ଜ ଦଳ ଘୋଷିତ



ବାରିପଦା , ୨୨/୯ (ନି.ପ୍ର): ଓଡିଶା ଫୁଟବଲ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ଆନ୍ତଃ ଜିଲ୍ଲା ଫୁଟବଲ ଚମ୍ପିୟାନସିପ 'ସାହାଣୀ' କପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜର ୨୦ ଜଣିଆ ଦଳ ଘୋଷିତ ହୋଇଯାଇଛି । ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଚମ୍ପିୟାନସିପରେ ମୟୁରଭଞ୍ଜ ଦଳର ଅଧିନାୟକ ରାଇସେନ ଟୁଡୁଙ୍କ ସମେତ ବାଗରାଇ ହେମ୍ବ୍ରମ, ଜୀବନ ବାସ୍କେ, ବିକ୍ରମ ହାଁସଦା, ଶୁଶିଲ ହେମ୍ବ୍ରମ, ଆୟୁଷ ବେସାନ, ଆଲୋକ ମୁର୍ମୁ, ରାମଚନ୍ଦ୍ର ବେସ୍ରା, ବାପୁନ ମାର୍ଣ୍ଡି, ବିଶ୍ୱଜିତ ହେମ୍ବ୍ରମ, ଜଗନ୍ନାଥ କିସ୍କୁ, ମାନଚିତ୍ର ମାର୍ଣ୍ଡି, ବଳଭଦ୍ର ସିଂ, ସୁନାରାମ ମୁର୍ମୁ, ବିକାଶ ନାଏକ, ରଘୁନାଥ ସୋରେନ, ଗଣେଶ ସୋରେନ, ମହେଶ କୁମାର ହୋନାଗା, ବାବୁଲି ନାଏକ, ସୁମନ୍ତ କୁମାର ମାର୍ଣ୍ଡି ସାମିଲ ଥିବା ବେଳେ କୋଚ ଭାବେ ଜିତୁରାମ ଟୁଡୁ ଓ ମ୍ୟାନେଜର ଭାବେ ମାସଙ୍ଗ ଟୁଡୁ ଦଳ ସହିତ ଗସ୍ତ କରିଛନ୍ତି । ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧକ୍ଷ୍ୟ ଅମିତାଭ ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅମ୍ବିକା ରାଉତ, ବରିଷ୍ଠ ସଦସ୍ୟ ବିଜୟ କୁମାର ଦାସ (ମଣ୍ଟୁ ଦା), ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ ।

# ଗୋପୀବଲ୍ଲଭପୁରରୁ ପୁରୀ ଯାଉଥିବା ଭକ୍ତଙ୍କୁ ବେତନଟୀରେ ସ୍ୱାଗତ



ବୈଶିଙ୍ଗା , ୨୨/୯ (ନି.ପ୍ର): ସୁଦୂର ପଶ୍ଚିମବଙ୍ଗର ଗୋପୀବଲ୍ଲଭପୁର ରୁ ପୁରୀ ଯାଉଥିବା ଏକ ଭଗବତ ପ୍ରେମୀ ଭକ୍ତ ମଣ୍ଡଳୀ ସଂକୀର୍ତ୍ତନ କରି ଚାଲି ଚାଲି ଯାଉଥିବା ସମୟରେ ୧୮ ନଂ ଜାତୀୟ ରାଜପଥ ର ବେତନଟୀ ନରେନ୍ଦ୍ର ମୋଦୀ ଫ୍ୟାନ କ୍ଲବ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଦଳ ଗୋପୀବଲ୍ଲଭପୁର ରେ ଥିବା ଶ୍ରୀ ଚୈତନ୍ୟଦେବ ମନ୍ଦିରରୁ ବାହାରି ଥିବା ଏହି ଭକ୍ତ ମାନେ ଶ୍ରୀ ଚୈତନ୍ୟ ଦେବଙ୍କ ୧୪ତମ ବଂଶ ଧର ଭାବେ ବିଗତ ୬ ବର୍ଷ ହେବ ଏହି ଯାତ୍ରା କରୁଥିବା ଜଣାଯାଇଛି । ସେମାନେ ପବିତ୍ର ରାଧାଷ୍ଟମୀ ଦିନ ପୂଜାର୍ଚ୍ଚନା କରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରି ମଙ୍ଗଳବାର ସକାଳୁ ବାରିପଦା ରୁ ବାହାରି ଦାନ୍ତିଆମୁହାଁ ପହଞ୍ଚିଥିଲେ ଓ ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ମଧ୍ୟାହ୍ନସମୟରେ ବେତନଟୀ ପହଞ୍ଚିବାପରେ ସେଠାରେ ଫ୍ୟାନ କ୍ଲବର ମୁଖ୍ୟ ସୁନୀଲ କୁମାର ଖଣ୍ଡେଲୱାଲ ଙ୍କ ନେତୃତ୍ୱରେ ଏହି ଭକ୍ତ ମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ କ୍ଲବକୁ ପାଛୋଟି ନିଆଯାଇଥିଲା । ସେଠାରେ ଉକ୍ତ ସଂକୀର୍ତ୍ତନ ମଣ୍ଡଳୀଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଫ୍ୟାନ କ୍ଲବ ପକ୍ଷରୁ କୁନା ମହାନ୍ତ, ଲକ୍ଷ୍ମୀଧର ପାକଳ, ରାଜକିଶୋର ଶାହା, ପ୍ରଦୀପ ପରିଡା, ଜଗବନ୍ଧୁ ପଣ୍ଡା, ଅଲୟ ପ୍ରଧାନ ପ୍ରମୁଖ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରସାଦ ସେବନ ପରେ ଏହି ଭକ୍ତ ବୃନ୍ଦ ଆଗକୁ ଯାତ୍ରା ଆରମ୍ଭ କରିଥିଲେ । ସେମାନେ ମଙ୍ଗଳବାର ବୈଶିଙ୍ଗାରେ ରାତ୍ରୀ ଯାପନ କରି ବୁଧବାର ସକାଳୁ ଯାତ୍ରା ଆରମ୍ଭ କରି ରେମୁଣା ସ୍ଥିତ କ୍ଷୀର ଚୋରା ଗୋପିନାଥ ମନ୍ଦିର ଯିବେ, ସେଠାରୁ ସେମାନେ ବିଭିନ୍ନ ସ୍ଥାନରେ ରହି ଆଗାମୀ ଅକ୍ଟୋବର ୫ କିମ୍ବା ୬ ତାରିଖରେ ଶ୍ରୀକ୍ଷେତ୍ର ପହଞ୍ଚିବେ ବୋଲି ପ୍ରକାଶ କରିଥିଲେ ।

# କୁପାରୀ ରାଜସ୍ୱ କ୍ଷେତ୍ରରୁ ରାତି ଅଧିଆ ମୋରମ ଲୁଟ୍

## ଇଡକୋ କର୍ମଚାରୀଙ୍କ ସଂପୃକ୍ତି ଥିବା ନେଇ ଗ୍ରାମବାସୀଙ୍କ ଦାବି



ଖଇରା, ୨୨/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱକ୍ଷେତ୍ର ଅଧୀନରେ ସରକାରୀ ଜମିରେ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ଓଡିଶା ଶିଳ୍ପ ଉନ୍ନୟନ ନିଗମ (ଇଡକୋ) ଦ୍ୱାରା ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ବେଳେ ଏହି ମୌଜାରେ ଖଣି ମାଫିଆ ମାନେ ରାତି ଅଧିଆ ମୋରମ ଉତ୍ତୋଳନ କରି ବିକ୍ରି କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏଥିରେ ଇଡକୋର କିଛି କର୍ମଚାରୀଙ୍କ ସଂପୃକ୍ତି ଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ଖଣିବିଭାଗ ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ କୁପାରୀ,ଗଡପୋଖରୀ ପଞ୍ଚାୟତର ଅଧୀବାସୀ ମାନେ ଦାବି କରିଛନ୍ତି । କୁପାରୀକୁ ୧୯୯୯ ମସିହାରେ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରାଯିବା ପରେ ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟ କରାଯିବା ଲକ୍ଷରେ ସରକାରୀ ଜମିରୁ ମୋରମ ଓ ମାଙ୍କଡା ଉତ୍ତୋଳନ ବନ୍ଦ ରଖାଯାଇଛି । ବିଜେଡି ସରକାର ସମୟରେ ଉକ୍ତ ସରକାରୀ ଜମିରେ ଛୋଟ ଛୋଟ ଶିଳ୍ପ ଓ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଇଡକୋ କୁପାରୀ ଓ ଗଡପୋଖରୀ ମୌଜାରେ ପାଖାପାଖି ୪୬ ଏକର ଜମି ହାତକୁ ନେଇଛି । କିଛି ମାସ ତଳେ କିଛି ମାଙ୍କଡା ବ୍ୟବସାୟୀ ଏହି ଅଞ୍ଚଳରୁ ବ୍ୟାପକ ପରିମାଣର ବେଆଇନ ମାଙ୍କଡା ଉତ୍ତୋଳନ କରି ଚୋରାଚାଲଣ କରିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଖଣି ବିଭାଗ ପକ୍ଷରୁ ତନାଘନା ଚାଲିଥିଲା । ଶେଷରେ ମାଙ୍କଡା ମାଫିଆ ମାନେ କାର୍ଯ୍ୟକୁ କିଛିଦିନ ପାଇଁ ବନ୍ଦ ରଖିଥିଲେ । ଏବେ କିଛି ଦିନର ନିରବତା ପରେ ମୋରମ ମାଫିଆ ମାନେ ସକ୍ରିୟ ହୋଇ ପଡିଛନ୍ତି । କ୍ରମାଗତ ଭାବେ କୁପାରୀ କଲେଜ ପଛପଟେ ଇଡକୋ ଅଧିନରେ ଥିବା ଜମିରୁ ରାତିରେ ମୋରମ ଚୋରାଚାଲଣ କରୁଛନ୍ତି । ହେଉଥିବା ବେଳେ କୌଣସୀ ଅଧିକାରୀଙ୍କ ଏ ଘଟଣା ଦୃଷ୍ଟି ଗୋଚର ହେଉନାହିଁ । ଏ ସମ୍ପର୍କରେ ଖଣି ଅଧିକାରୀ ଜଗନ ବେହେରାଙ୍କ ପ୍ରତିକ୍ରିୟା ନେବା ପରେ ସେ ଏହା ଉପରେ ନିଷ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ସିପିଆଇ(ଏମ) ପକ୍ଷରୁ ସହୀଦନଗରରେ ସହୀଦ ଦିବସ ପାଳିତ



ସହୀଦନଗର/ ଭଦ୍ରକ, ୨୨/୯ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଆମ ଦେଶରେ ସଂଗଠିତ ହୋଇଥିବା ଭାରତଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ୧୯୪୨ ମସିହା ସେପଟ୍ଟେମ୍ବର ୨୨ ତାରିଖ ସହୀଦନଗର ଠାରେ ସର୍ଦାର ମୁରଲିଧର ପଣ୍ଡାଙ୍କ ନେତୃତ୍ୱରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଜନସମାବେଶକୁ ଭଣ୍ଡୁର କରିବା ପାଇଁ ପୋଲିସ ଆଖିବୁଜା ଗୁଳିଚାଳନା କରିଥିଲା । ଏହି ଗୁଳିକାଣ୍ଡ ରେ ସହୀଦନଗର ଅଞ୍ଚଳର ଚାଷୀ ନିଧି ମହାଳିକ, ଶ୍ୟାମ ମହାଳିକଙ୍କ ସମେତ ମୋଟ ୯ ଜଣ ସହୀଦ ହୋଇଥିଲେ। ସେହି ଅମର ସହୀଦଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ପୂର୍ବକ ସିପିଆଇ(ଏମ) ପକ୍ଷରୁ ସହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଳା ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ଆଇନଜୀବି ବିକାଶ ନାଥ, ସିପିଆଇ(ଏମ) ଧୁଷୁରୀ ଆଞ୍ଚଳିକ କମିଟି ସଂପାଦକ ରମେଶ ସାହୁ, ସିପିଆଇଏମ ନେତା ଗୋଲେକ ଯେନା, ନିଶାକାର ସୂତାର, ଜୟୀରାମ ମିଶ୍ର, ହେମନ୍ତ ଯେନା, ନାରଣ ଯେନା, ବାବୁଲା ଯେନା, ନରେନ୍ଦ୍ର ଯେନା, ଦିଲିପ ସିଂ, କାର୍ତ୍ତିକ ସାହୁ, ବାଇଧର ଦଳେଇ, ରଘୁ ମହାଳିକ ପ୍ରମୁଖ ଯୋଗଦେଇ ସହୀଦ ମାନଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ।

# ଆଞ୍ଚଳିକ କୃଷକମଞ୍ଚ ନୀଳଗିରି ତରଫରୁ ୧୮କିମି ପଦଯାତ୍ରା



ନୀଳଗିରି , ୨୨/୯ (ନି.ପ୍ର): ଆଞ୍ଚଳିକ କୃଷକମଞ୍ଚ ନିଷ୍ପତିରେ ୨୨ ସେପ୍ଟେମ୍ବର ସକାଳପାଖାପାଖି ୧୦ଟା ସମୟରେ ନୀଳଗିରି ଠାରୁ ଅଠର କିଲୋମିଟର୍ ଦୂର ବଉଳଗଡ଼ିଆରୁ କୃଷକମଞ୍ଚ ନୀଳଗିରି ତରଫରୁ ପଦ ଯାତ୍ରା ଆରମ୍ଭ ହୋଇଥିଲା। ପଦଯାତ୍ରାର ନେତୃତ୍ୱ କୃଷକମଞ୍ଚର ଉପଦେଷ୍ଟା ଓ ସି ପି ଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ନେଇଥିଲେ । ପଦଯାତ୍ରା ପ୍ରାରମ୍ଭରେ କୃଷକମଞ୍ଚ ଉପସଭାପତି ଉମାକାନ୍ତ ମଲିକ୍, ସମ୍ପାଦକ ନିହାର ରଞ୍ଜନ ଜେନା,ପରିଚାଳକ ବିଜୟ ସ, ସକ୍ରିୟସଭ୍ୟ ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ରବି ଜେନା, ଡାକସେବା ଅବସର କର୍ମଚାରି ରାଧାଶ୍ୟାମ ଦାଶ, ସମାଜସେବୀ ହରେକୃଷ୍ଣ ପଣ୍ଡିତ, ପ୍ରକାଶଚନ୍ଦ୍ର ଚୌଧୁରୀ, ସୀତାରାମ ଦାସ, କମଳାକାନ୍ତ ବାରିକ ପୂର୍ବତନ ସମବାୟସମିତି ସଭାପତି, ଉପେନ୍ଦ୍ର ପାତ୍ର, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ରାଉତ ଦୀପକ ନାୟକ, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଜୟନ୍ତୀ ମହାପାତ୍ର, ଦମୟନ୍ତୀ ମହାପାତ୍ର,ଜୟନ୍ତୀ ବେହେରା ସମେତ ଶତାଧିକ ପୁରୁଷ ଓ ମହିଳା ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ୬ଦଫା ଦାବି ସମ୍ବଳିତ ସ୍ମାରକୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦାବିପତ୍ର ଦେବା ପୂର୍ବରୁ ଉମାକାନ୍ତ ମଳିକଙ୍କ ସଭାପତିତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭସଭାରେ ସିପିଆଇର ରାଜ୍ୟକାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ବକ୍ତବ୍ୟ ରେ ପ୍ରକାଶ କଲେ କି ଆଜିର ପଦଯାତ୍ରା ପୂର୍ବରୁ ୨୫ଥର ବିକ୍ଷୋଭ, ରାସ୍ତାରୋକ, ଧର୍ମଘଟ ଓଡିଶା ବିଧାନସଭା ସମ୍ମୁଖରେ ଧାରଣା ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ । ହେଲେ ସରକାର ନୀଳଗିରି ବଉଳଗଡିଆ ରାସ୍ତାର ଦୁଃଖବୁଝିବା ପରିବର୍ତ୍ତେ ଇକୋ ସେନସିଟିଭ ଜୋନର ଆଇନଗତ ଭୟାବହ ପଦକ୍ଷେପ ଜଙ୍ଗଲ ବିଭାଗ ଦ୍ୱାରା ନେବାଫଳରେ ଔପଦା ବ୍ଲକ ର ପିଣ୍ଡାବସା ବିଦ୍ୟାଳୟ ର ସରକାରୀ ଅର୍ଥ ବିନିଯୋଗ କରାଇ ନ ଦେବା ସ୍ଥାୟୀ ପଟ୍ଟା ଜମି ରେ ଘର କରିଥିବା ଅଧିବାସୀ ମାନଙ୍କୁ ଉଚ୍ଛେଦ କରିବା, ରାଣୀ ପୋଖରୀକୁ ବିଜୁଳି ସଂଯୋଗ ରୁ ବିଛିନ୍ନ କରିବା ଘଟଣା ଘାଇବା ଫଳରେ ସାଧାରଣ ୨୦୪ ଗୋଟି ରାଜସ୍ୱ ଗ୍ରାମ ରେ ଭୟ ର ଆତଙ୍କ ଖେଳି ଯାଇଛି । ବକ୍ତବ୍ୟ ରଖି କହିଲେ କି ୨୦୪ ଗୋଟି ଗ୍ରାମ ମଧରେ ୧୭୦ ଟି ଅଙ୍ଗନବାଡି, ୧୩୦ ଟି ପ୍ରାଥମିକ ବିଦ୍ୟାଳୟ, ୩୦ ଟି ଉଚ୍ଚ ବିଦ୍ୟାଳୟ, ୩ ଗୋଟି ମହାବିଦ୍ୟାଳୟ, ୮ ଟି ସ୍ୱାସ୍ଥ୍ୟ କେନ୍ଦ୍ର, ୪ ଗୋଟି ଆର ଆଇ ଅଫିସ, ସମେତ ୧୯ ନମ୍ବର ରାଜ୍ୟ ରାଜପଥ, ନୀଳଗିରି ବଉଳଗଡିଆ ରାସ୍ତା, ଉତ୍ତର ଓଡିଶା ର ପ୍ରସିଦ୍ଧ ଶୈବ ପୀଠ ପର୍ଯ୍ୟଟନ ସ୍ଥଳୀ ପଞ୍ଚଲିଙ୍ଗେଶ୍ୱର, ବିଶେଶ୍ୱର ମହାଦେବ ଭଳି ବହୁ ଦେବା ଦେବି ମନ୍ଦିର ଅନ୍ତର୍ଭୁକ୍ତ ଅଟେ । ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ନ ହେଲେ ଲକ୍ଷାଧିକ ସାଧାରଣ ଲୋକ ନୀଳଗିରି ଲୋକ ସଂଖ୍ୟା ର ଦଳିତ, ଜାତି ଜନଜାତି ର ଲୋକେ ବାସ ଚୁତ୍ତ ହେବେ, ଏଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିବା ପାଇଁ ବକ୍ତବ୍ୟ ରେ ଗଣମାଧମ କୁ ଅନୁରୋଧ କରିଥିଲେ । ଅନ୍ୟତମ ବକ୍ତା ବିଜୟ ସ ନୀଳଗିରି ବିଧାୟକ ନୀଳଗିରି ବଉଳଗଡିଆ ରାସ୍ତା ର ପୁନଃ ନିର୍ମାଣ ପାଇଁ କୌଶଳ ପୂର୍ଣ୍ଣ ବାଧା ସୃଷ୍ଟି କରୁଛନ୍ତି । ଅନ୍ୟତମ ବକ୍ତା ଅନିରୁଦ୍ଧ ବେହେରା ବକ୍ତବ୍ୟ ରଖିଥିଲେ କି ସାଂସଦଙ୍କ ଟ୍ୱିଟର ଜଣା ପଡୁଥିଲା ଝୁଲନ୍ତା ପୋଲ ନିର୍ମାଣ ର ତ୍ରୁଟି ପୂର୍ଣ୍ଣ ଥିବା ରାଜ୍ୟ ସରକାର ଙ୍କୁ ଦାଇ ରଖିଥିବା ବେଳେ ନୀଳଗିରି ବଉଳ ଗଡିଆ ରାସ୍ତା ର ବିକଳାଙ୍ଗ ଦୃଶ୍ୟ ଉପସ୍ଥାପନା କରିବା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଫାଟ ଥିବାର ସୂଚନା ଦେଉଥିବା କହିଥିଲେ ଦୀର୍ଘ୧୮ କିମି ଧରି ପୋଲିସକର୍ମୀ ସହଯୋଗ କରିଥିବାରୁ ମଞ୍ଚ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

# ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ ତରଫରୁ ବିକ୍ଷୋଭ

ଭୁବନେଶ୍ୱର, ୨୨/୯ (ନି.ପ୍ର): ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ମହାସଂଘ ଦାବି କରିଛି ଯେ ବେତନ ବୃଦ୍ଧି କରାଯାଉ , ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଲାଗୁ କରାଯାଉ .ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍ କୋର୍ଡ ଲାଗୁ କରାଯାଉ , ଚିକିତ୍ସା ଭତା ସହିତ ଜୀବନ ବୀମାର ସୁବିଧା କରାଯାଉ ,୨୦୧୮ ମସିହା ଜାନୁଆରୀ ମାସଠାରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ଦିଆଯିବା ସହିତ ମଇ, ଜୁନ୍ ଦୁଇମାସ ଛୁଟିର ଦରମା ପ୍ରଦାନ କରାଯାଉ।




# ଚିଲିକା ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋରଧା , ୨୨/୯ (ନି.ପ୍ର): ଖୋରଧା ଜିଲ୍ଲା ଅନ୍ତର୍ଗତ ଚିଲିକା ବ୍ଲକ ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁଶୋତ୍ତମ୍ ଦାସଙ୍କ ଅଧକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନ ଶୁଣାଣି ଶିବିରରେ ଉପଜିଲ୍ଲାପାଳ, ଖୋରଧା, ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ , ବିଡି ଓ, ଚିଲିକା ପୁନମ ମହାପାତ୍ର, ତହସିଲଦାର ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୪୩ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୪ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଅଭିଯୋଗ ଶିବିରରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଜାଇଥିଲା । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ବସ୍ତା ଲାୟନ୍ସ କ୍ଲବ ତରଫରୁ ରିଲିଫ ବଣ୍ଟନ



ବସ୍ତା , ୨୨/୯ (ନି.ପ୍ର): ବସ୍ତା ଲାୟନ୍ସ କ୍ଲବ ପକ୍ଷରୁ ବସ୍ତା ଜଳକା ନଦୀର ବନ୍ୟା ପ୍ରପୀଡିତ ଅସହାୟ ଲୋକଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରପୀଡିତ ପେଗରପଡା, ପଥୁରିଆ, ଦୁଧହଂସା ଆଦି ଗ୍ରାମର ୯୦ ଲୋକଙ୍କ ମଧ୍ୟରେ ମଶାରୀ, ଅଟା ଚୁଡ଼ା, ଦିଆସିଲି, ମହମବତୀ, ରିଫାଇନ ତେଲ, ସାବୁନ, ଡେଟଲ ମଶା ଧୂପ, ରାସନ ସମାଗ୍ରୀ ଆଦି ବଣ୍ଟନ କରାଯାଇ ଅଛି। ଉକ୍ତ ରିଲିଫ ବଣ୍ଟନ କାର୍ଯ୍ୟକ୍ରମକୁ ସଭାପତି ସତ୍ୟନାରାୟଣ ମହାପାତ୍ର, ସମ୍ପାଦକ ବସନ୍ତ ବେହେରା, ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ସତ୍ୟନାରାୟଣ କର୍ଣ୍ଣାନି, ସତ୍ୟନାରା ୟଣ ଗୁପ୍ତା, ବିଜୟ ପରିଡା, କିଶୋର ସାହୁ,ଅସିତ, ମହାନ୍ତି, ସୁଶୀଲ କର୍ଣ୍ଣାନି, ମନୋଜ କର୍ଣ୍ଣାନି, ରାଜୀବ ଗୁପ୍ତା, ବୈଦ୍ୟନାଥ ପାତ୍ର, କିଶୋର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଲାୟନ୍ସ କ୍ଲବର ଏଭଳି ଉଦ୍ୟମ ସାଧାରଣ ଜନମାନସରେ ପ୍ରଶଂସିତ ହେବା ସହ ଅନ୍ୟକୁ ପ୍ରେରଣା ମଧ ଯୋଗାଇଛି।

# ଭାରତୀୟ ମହିଳା କ୍ରିକେଟ୍ ଦଳକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୯ (ନି.ପ୍ର): ଏସୀୟ କ୍ରୀଡ଼ା ୨୦୨୬ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଚମତ୍କାର ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହା ହେଉଛି 'ନାରୀ ଶକ୍ତି'ର ପ୍ରକୃତ ପ୍ରଦର୍ଶନ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida